ସାପ୍ତାହିକ
ଶ୍ରୀ ସ୍ୱୀକାର
The Sweekar ସ୍ୱୀକାର
Postal Regd. No.: SBP/RN-01/2022-2024
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 35 | 28 August - 03 September 2022 | Sambalpur | Page- 8 | Invitation Price Rs.10

# ଭିଏସ୍ଏସ୍ୟୁଟି ଉତ୍କର୍ଷ କେନ୍ଦ୍ର ହେବ: ମୁଖ୍ୟ ଶାସନ ସଚିବ




ସମ୍ବଲପୁର : ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ ଆଇଆଇଟି ଓ ଏନ୍ଆଇଟି ପରି ଇଞ୍ଜିନିୟରିଂ ଶିକ୍ଷାର ଉତ୍କର୍ଷ କେନ୍ଦ୍ର ହେବ ଓ ଏଥିପାଇଁ ରାଜ୍ୟ ସରକାର ପ୍ରାୟ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ ବୋଲି ମୁଖ୍ୟ ଶାସନ ସଚିବ ସୁରେଶଚନ୍ଦ୍ର ମହାପାତ୍ର କହିଛନ୍ତି ।

ଶ୍ରୀ ମହାପାତ୍ର ଏକ ଦିନିକିଆ ସମ୍ବଲପୁର ଗସ୍ତରେ ୫-ଟି ସଚିବ ଭି.କେ ପାଣ୍ଡିଆନ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ହେମନ୍ତ ଶର୍ମାଙ୍କ ସହ ଆସି ଭିଏସଏସୟୁଟି, ବୈଜାମୁଣ୍ଡାଠାରେ ନବନିର୍ମିତ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ, ୫-ଟି ଯୋଜନାରେ ପରିବର୍ତ୍ତିତ ହୋଇଥିବା ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟ ଓ ସମଲେଇ ପ୍ରକଳ୍ପର ସମୀକ୍ଷା କରିଥିଲେ ।

ଭିଏସ୍ଏସ୍ୟୁଟିରେ ମୁଖ୍ୟ ଶାସନ ସଚିବ ପହଞ୍ଚିବା ପରେ ଏକାଡେମିକ୍ ବ୍ଲକ୍‌ର ଶ୍ରେଣୀ ଗୃହ, ପରୀକ୍ଷାଗାର, ବିଶ୍ୱେଶ୍ୱରାୟା ପ୍ରେକ୍ଷାଳୟ, ପୁଲହ, ବଶିଷ୍ଠ ଛାତ୍ରାବାସ ପରିଦର୍ଶନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ପ୍ରକଳ୍ପ ଦେଖିଥିଲେ । ଏହାପରେ ସଚିବସ୍ତରୀୟ ଟିମ୍ କୁଳପତି ପ୍ରଫେସର ବଂଶୀଧର ମାଝୀ, ଅଧ୍ୟାପକ-ଅଧ୍ୟାପିକା, ଆଲୁମନି ସଂଘ ଓ ଛାତ୍ରଛାତ୍ରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଭିସୁଟ୍‌କୁ ନେଇ ଲାଗି ରହିଥିବା ସମସ୍ୟା ଓ ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିଥିଲେ । ଏହାବାଦ୍ ଭିସୁଟ୍‌କୁ ନେଇ ରାଜ୍ୟ ସରକାର କରିଥିବା ଭବିଷ୍ୟତ ଯୋଜନା ସମ୍ପର୍କରେ ବି ପଚାରି ବୁଝିଥିଲେ । ଦେଶରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ଭିସୁଟ୍‌ର ଗୁରୁତ୍ୱକୁ ଆଖି ଆଗରେ ରଖି ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନକ୍ରମେ ଏହାର ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉଥିବା ନେଇ ସୂଚନା ଦେଇଥିଲେ । ସେପଟେ, ଭିସୁଟ୍ ଛାତ୍ରାବାସ ସଂଖ୍ୟାକୁ ବୃଦ୍ଧି କରାଯିବ । ଏବେ ଏଠାରେ ପ୍ରାୟ ୫ ହଜାର ଛାତ୍ରଛାତ୍ରୀ ଥିବା ବେଳେ କିଭଳି ଏଠାରେ ୧୦ ହଜାର ଛାତ୍ରଛାତ୍ରୀ ରହି ପାରିବେ ତାହାର ବ୍ୟବସ୍ଥା ହେବ । ଏହି ନୂଆ ପ୍ରକଳ୍ପ ପାଇଁ ଭିସୁଟ୍‌ରେ ୪୦-୫୦ ଏକର ଅତିରିକ୍ତ ଜାଗା ଥିବା ବେଳେ ଆଉ ୮୦ ଏକର ଜାଗା ଚିହ୍ନଟ କରାଯାଇଛି । ଯାହା ଖୁବ୍ ଶୀଘ୍ର ଜଳସମ୍ପଦ ବିଭାଗରୁ ଭିସୁଟ୍ ନାଁକୁ ଆସିବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଛନ୍ତି ।



ଭିସୁଟ୍ ପରିଦର୍ଶନ ପରେ ଏହି ଟିମ୍ ବୈଜାମୁଣ୍ଡାସ୍ଥିତ ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ (ଆଇଆଇସି) ପରିଦର୍ଶନ କରିଥିଲେ । ଆଇଆଇସିରେ ଦିବ୍ୟାଙ୍ଗଙ୍କଠାରୁ ନେଇ ଭିକ୍ଷୁକଙ୍କ ରହିବାର ବ୍ୟବସ୍ଥା କରାଯାଇଛି । ତେବେ ସଚିବସ୍ତରୀୟ ଟିମ୍ ଅନ୍ତେବାସୀଙ୍କ ସହ ଆଲୋଚନା କରି କିଭଳି ସେମାନଙ୍କୁ ଅଧିକ ସୁବିଧା ସୁଯୋଗ ମିଳିପାରିବ ତାହା ଉପରେ ଗୁରୁତ୍ୱାରୋପ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଉ ମାସେ-ଦୁଇମାସ ମଧ୍ୟରେ ଏହି ଆଇଆଇସି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏଠାରେ ୫ଶହରୁ ଅଧିକ ଅନ୍ତେବାସୀ ରହିପାରିବେ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଛନ୍ତି ।

ରାଜ୍ୟ ସରକାରଙ୍କ ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମ ଅନ୍ତର୍ଗତ ରୂପାନ୍ତରିତ ହୋଇଥିବା ଲେଡି ଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟ ମଧ ଏହି ଟିମ୍ ପରିଦର୍ଶନ କରିଥିଲେ । ସ୍କୁଲରେ ପହଞ୍ଚି ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଓ କମିଟି ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ରୂପାନ୍ତରଣ କାର୍ଯ୍ୟକ୍ରମରେ ସ୍କୁଲରେ ସ୍ମାର୍ଟ କ୍ଲାସ୍ ରୁମ୍, ଆଇସିଟି ଲ୍ୟାବ୍ ଆଦି ନିର୍ମାଣ ହୋଇଥିବା ବେଳେ ଏହା ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନରେ ବେଶ୍ ସହାୟକ ହେବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଛନ୍ତି । ଶେଷରେ ଏହି ଟିମ୍ ସମ୍ବଲପୁର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିର ବିକାଶ ପାଇଁ ଆରମ୍ଭ ହୋଇଥିବା ସମଲେଇ ଯୋଜନାର ସମୀକ୍ଷା କରିଥିଲେ । ପ୍ରଥମେ ମା' ସମଲେଶ୍ୱରୀଙ୍କ ଦର୍ଶନ କରିବା ପରେ ପ୍ରକଳ୍ପ କାର୍ଯ୍ୟ ବୁଲି ଦେଖିଥିଲେ । ବିକାଶ ଯୋଜନାରେ ଅଧିକାଂଶ ଲୋକଙ୍କୁ ସ୍ଥାନାନ୍ତର କରାଯାଇସାରିଥିବା ବେଳେ ଆଉ ୫୦-୬୦ଟି ଘର ବାକି ରହିଛି । ଯାହା ଖୁବ୍ ଶୀଘ୍ର ସ୍ଥାନାନ୍ତର ହେବ ବୋଲି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଛନ୍ତି । ଏହାବାଦ୍




ସମଲେଇ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟରେ ରହିଥିବା ରିଭର ଫ୍ରଣ୍ଟ ଭିଉ ଓ ପରିକ୍ରମା ରୋଡ୍ କାମ ବି ଆରମ୍ଭ ହୋଇଛି । ତେବେ ଏହି ପ୍ରକଳ୍ପ କାମ କିଭଳି ତ୍ୱରାନ୍ୱିତ ହେବ ସେନେଇ ଓବିସିସିକୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ମହାପାତ୍ର ସୂଚନା ଦେଇଥିଲେ ।

ମୁଖ୍ୟ ସଚିବଙ୍କ ଗସ୍ତ ସମୟରେ ଉତ୍ତରାଞ୍ଚଳ ରାଜସ୍ୱ କମିସନର ସୁରେଶ ଦଳାଇ, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ଓ ଏସ୍.ପି ବାତୁଲା ଗଙ୍ଗାଧର ପ୍ରମୁଖ ଉପସ୍ଥିତ ଥିଲେ ।

# ନୂଆଁଖାଇ ଲାଗି ଦୁଇଦିନ ସରକାରୀ ଛୁଟି ଘୋଷଣା ପାଇଁ ଜୟନାରାୟଣଙ୍କ ଦାବି

ସମ୍ବଲପୁର : 'ନୂଆଁଖାଇ' ପାଇଁ ୨ ଦିନ ରାଜ୍ୟସ୍ତରୀୟ ସରକାରୀ ଛୁଟି ଘୋଷଣା କରାଯିବାକୁ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଦାବି କରିଛନ୍ତି ।

ଶ୍ରୀ ମିଶ୍ର କହିଛନ୍ତି, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ବୌଦ୍ଧ, ସୁବର୍ଣ୍ଣପୁର, ବଲାଙ୍ଗିର, କଳାହାଣ୍ଡି, ନୂଆପଡ଼ା ଏବଂ ଅନ୍ୟ କିଛି ଜିଲ୍ଲାରେ ଭାଦ୍ରବ ଶୁକ୍ଳ ପଞ୍ଚମୀ ତିଥିରେ ଗଣପର୍ବ ନୂଆଁଖାଇ ପାଳନ କରାଯାଏ । ଯାହାକି ଚଳିତ ବର୍ଷ ସେପ୍ଟେମ୍ବର ୧ ତାରିଖରେ ପଡୁଛି । ହେଲେ ଏହାକୁ ଏଯାଏଁ ସରକାରୀ ଛୁଟି ଘୋଷଣା କରାଗଲା ନାହିଁ । ପଶ୍ଚିମ ଓଡ଼ିଶାର ରଜ ପାଳନ ହେଉ ନ ଥିଲେ ମଧ ଯେଭଳି ସାରା ରାଜ୍ୟରେ ଏହାକୁ ଛୁଟି ଘୋଷଣା କରାଯାଏ ସେହିଭଳି ନୂଆଁଖାଇକୁ ମଧ ରାଜ୍ୟସ୍ତରରେ ୨ଦିନ ଛୁଟି ଦେବାକୁ ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

୯୦ ଦଶକରେ ପ୍ରଥମ ଥର ପାଇଁ ଗଣପର୍ବ ନୂଆଁଖାଇ ପାଇଁ ଜିଲ୍ଲାସ୍ତରରେ ଛୁଟି ଆରମ୍ଭ ହୋଇଥିଲା । ହେଲେ ଏବେ ଏହାକୁ ମଧ ଦିଆଯାଉ ନାହିଁ । ଯଦିଓ କିଛି ଜିଲ୍ଲାରେ ଛୁଟି ରହୁଛି, କିନ୍ତୁ ସରକାରୀ ଅନୁଷ୍ଠାନ ଖୋଲା ରହୁଛି । ବ୍ୟାଙ୍କ, ଡାକ କାର୍ଯ୍ୟାଳୟ ସହ ଅନ୍ୟ ସରକାରୀ କାର୍ଯ୍ୟାଳୟ ଖୋଲା ରହୁଛି । ଫଳରେ ସେଠାରେ କାମ କରୁଥିବା କର୍ମଚାରୀ ଏହି ଗଣପର୍ବରେ ସାମିଲ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି । ତେଣୁ ରାଜ୍ୟସ୍ତରୀୟ ଛୁଟି ଘୋଷଣା ହେଲେ ପାରମ୍ପରିକ ପର୍ବରେ ବାହାରେ କାମ କରୁଥିବା ଲୋକ ଯୋଗ ଦେଇ ପାରିବେ ବୋଲି ଶ୍ରୀ ମିଶ୍ର କହିଛନ୍ତି ।



ଶ୍ରୀ ମିଶ୍ର କହିଛନ୍ତି, ବର୍ଷା ଋତୁ ପରେ ପରେ ବର୍ଷର ପ୍ରଥମ ଧାନକୁ ମା' ସମଲେଶ୍ୱରୀ ଓ ମା' ମାଣିକେଶ୍ୱରୀ ସହ ଆଞ୍ଚଳିକ ଦେବୀଙ୍କ ମନ୍ଦିରରେ ନବାନ୍ନ ଭୋଗ ଲଗାଯାଇଥାଏ । ତେଣୁ ଏହି ଧାର୍ମିକ କୃଷିଭିତ୍ତିକ ପର୍ବରେ ସାମିଲ ହେବାକୁ ପରିବାର ବାହାରେ ଥିବା ସଦସ୍ୟ ଓ ବନ୍ଧୁବାନ୍ଧବ ଘରକୁ ଆସି ଧୁମଧାମରେ ପାଳନ କରିଥାନ୍ତି । ତେଣୁ ଯିବା ଆସିବା କରିବା ପାଇଁ ଅନ୍ୟୁନ ଦୁଇଟି ଦିନ ଦରକାର । ଏବେ ସାରା ବିଶ୍ୱରେ ନୂଆଁଖାଇ ଭେଟ୍‌ଘାଟ୍‌ର ଲୋକପ୍ରିୟତା ମଧ ବଢ଼ିଛି । ନୂଆଦିଲ୍ଲୀରେ ଥିବା ସାଂସଦମାନେ ମଧ ଏହାକୁ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରୁଛନ୍ତି । ପଶ୍ଚିମ ଓଡ଼ିଶାବାସୀଙ୍କ ପାରମ୍ପରିକ ପର୍ବ ନୂଆଁଖାଇ ଅବସରରେ ୨ ଦିନ ସରକାରୀ ଛୁଟି ଘୋଷଣା କରିବାକୁ ସେ ଦାବି କରିଛନ୍ତି ।

## ଏ ସଂଖ୍ୟାରେ..


ଉପକାରୀ ପଣସ


ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖେ ହଳଦୀ


ନିଦ୍ରାହୀନତା ଦୂର କରେ ନଡିଆ


ଅତ୍ୟଧିକ ପେନ୍‌କିଲର ହାନିକାରକ


ପିଜୁଳିର ଉପକାରିତା

"ଶ୍ରୀମଦ୍ ଭାଗବତ ଶ୍ରବଣର ପାଞ୍ଚଟି ଫଳ ମିଳିଥାଏ ।

ନିର୍ଭୟତା, ନିଃସନ୍ଦେହତା, ହୃଦୟରେ ପ୍ରଭୁଙ୍କର ସାକ୍ଷାତ୍ ପ୍ରବେଶ, ସମସ୍ତଙ୍କଠାରେ ଭଗବଦ୍ ଦର୍ଶନ ଓ ପରମ ପ୍ରେମ ।

ପରୀକ୍ଷିତ କହିଲେ - "ହେ ଗୁରୁଦେବ ! ମୁଁ ଏହି ପାଞ୍ଚଟିଯାକ ଫଳ ପାଇଯାଇଛି । ଭାଗବତର ପ୍ରଥମ ସ୍କନ୍ଧ ଶୁଣି ପରମାତ୍ମାଙ୍କର ଦକ୍ଷିଣ ଚରଣ, ଦ୍ୱିତୀୟ ସ୍କନ୍ଧ ଶୁଣି ବାମ ଚରଣ, ତୃତୀୟ ଓ ଚତୁର୍ଥ ସ୍କନ୍ଧ ଶ୍ରବଣ କରି ହସ୍ତକମଳ ଦ୍ୱୟ, ପଞ୍ଚମ ଓ ଷଷ୍ଠ ସ୍କନ୍ଧ ଶ୍ରବଣ କରି ଜଂଘ ଦ୍ୱୟ, ସପ୍ତମ ସ୍କନ୍ଧ ଶ୍ରବଣ କରି କଟି ପ୍ରଦେଶ, ଅଷ୍ଟମ ଓ ନବମ ସ୍କନ୍ଧ ଶ୍ରବଣ କରି ପ୍ରଭୁଙ୍କର ବିଶାଳ ବକ୍ଷସ୍ଥଳର ଦର୍ଶନ କରିପାରିଛି । ଦଶମ ସ୍କନ୍ଧ ଶ୍ରବଣ କରି ପ୍ରଭୁଙ୍କର ମୁଖାରବିନ୍ଦ ଓ ନୟନର ଦର୍ଶନ ହୋଇ ପାରିଛି । ଏକାଦଶ ସ୍କନ୍ଧ ଶ୍ରବଣ କରି ଶ୍ରୀନାଥଙ୍କର ଉର୍ଦ୍ଧ୍ୱକୁ ଉଠିଥିବା ହସ୍ତ ଦେଖି ପାରିଛି । ଦ୍ୱାଦଶ ସ୍କନ୍ଧ ଶ୍ରବଣ ପରେ ପରେ ମୋତେ ଜଣାପଡୁଛି ସତେ ଯେପରି ଭଗବାନ ଶ୍ରୀକୃଷ୍ଣ ତାଙ୍କର ଦୁଇ ହାତ ପ୍ରସାରଣ କରି ମୋତେ ତାଙ୍କ ପାଖକୁ ଡାକୁଛନ୍ତି ।

ଏବେ ମୁଁ ପ୍ରଭୁଙ୍କ ବ୍ୟତିରେକ ଅନ୍ୟ କାହାକୁ ଧ୍ୟାନ କରୁନାହିଁ । ମୁଁ ତାଙ୍କର ଶରଣରେ ଅଛି । ସର୍ବତ୍ର ମୁଁ ତାଙ୍କୁ ହିଁ ଦର୍ଶନ କରିବାରେ ଲାଗିଛି । ମୁଁ ତାଙ୍କ ପାଖକୁ ଯାଉଛି । ସେ ମୋତେ ଡାକୁଛନ୍ତି । ମୁଁ ଏବେ କୃତାର୍ଥ ହୋଇଗଲି ।

ଭଗବନ୍ ! ଆପଣ ମୋତେ କେବଳ କଥାଶ୍ରବଣ କରାଇ ନାହାନ୍ତି, ପ୍ରଭୁଙ୍କର ଦର୍ଶନ ବି କରାଇ ଦେଇଛନ୍ତି । ସାରା

# ଭାଗବତ /// ଭାଗବତ ଶ୍ରବଣର ପାଞ୍ଚ ଫଳ

ଜଗତ ବ୍ରହ୍ମମୟ ବୋଲି ଆପଣ ମୋତେ ଦେଖାଇ ଦେଇଛନ୍ତି । ତକ୍ଷକ ଜଗତରୁ ପୃଥକ୍ ନୁହେଁ । ସେ ବି ବ୍ରହ୍ମରୂପ । ମୁଁ ଆପଣଙ୍କୁ ବାରମ୍ବାର ପ୍ରଣାମ କରୁଛି । ବ୍ରହ୍ମନିଷ୍ଠ ହୋଇଯାଇ ଥିବାରୁ ତକ୍ଷକର ବିଷ ମୋ ଦୃଷ୍ଟିରେ ଅମୃତମୟ ହୋଇଯିବ ।

ପରୀକ୍ଷିତ ଗୁରୁଦେବଙ୍କୁ ବନ୍ଦନା କଲେ ଏବଂ କହିଲେ, 'ହେ ଗୁରୁଦେବ ! ମୋ ମନରେ ଆଉ କୌଣସି ପ୍ରକାର ଶଙ୍କା ନାହିଁ । ଆପଣଙ୍କ କୃପାରୁ ମୁଁ ନିର୍ଲେପ ଓ ନିର୍ମୋହ ହୋଇଯାଇଛି ।'

ଅର୍ଜୁନ ମଧ୍ୟ ଏହିପରି ଭଗବାନ ଶ୍ରୀକୃଷ୍ଣଙ୍କୁ କହିଥିଲେ ଶ୍ରୀମଦ୍ ଭଗବଦ୍ ଗୀତା ଶ୍ରବଣର ଅନ୍ତିମ ପର୍ଯ୍ୟାୟରେ -

ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍ପ୍ରସାଦାନ୍ମୟାଚ୍ୟୁତ ।

ସ୍ଥିତୋଽସ୍ମିଗତସନ୍ଦେହଃ କରିଷ୍ୟେ ବଚନଂ ତବ । (ଗୀତା : ୧୮/୭୩)

ମୋହ ନଷ୍ଟ ହୋଇଗଲା । ସଂଶୟ ଦୂର ହୋଇଗଲା । ଜୀବ ନିର୍ଲେପ ଓ ନିର୍ମୋହ ହୋଇଗଲା । ଆଉ କ'ଣ ଅଧିକ ଆବଶ୍ୟକ । ତେଣିକି ଭଗବାନ୍ ଯାହା କହିବେ, ଗୁରୁ ଯାହା କହିବେ, ତାହା କରିଯିବା କଥା । କେବଳ ଗୁରୁ କୃପାରେ, ଭଗବାନଙ୍କ କୃପାରେ ଜୀବ ନିର୍ମୋହ ନିର୍ଲୋପ ହୋଇପାରେ । ଅନ୍ୟଥା ଅସମ୍ଭବ । କାରଣ କୃପା କରିବା ହେଉଛି ଭଗବାନ୍‌ଙ୍କର ଇଚ୍ଛାବିଳାସ ।

ଶୁକଦେବ ଏଥର ପ୍ରସ୍ଥାନ ନିମନ୍ତେ ପ୍ରସ୍ତୁତ ହୋଇଗଲେ । ମହାରାଜ ପରୀକ୍ଷିତ ତାଙ୍କୁ ପୂଜା କରିବା ପାଇଁ ଅନୁମତି ମାଗିଲେ । ସେ ଶୁକଦେବଙ୍କୁ ପୂଜା କଲେ । ଶୁକଦେବ ରାଜାଙ୍କ



ମସ୍ତକରେ ତାଙ୍କର ବରଦ ହସ୍ତ ସ୍ପର୍ଶ କଲେ । ସେହି ମୁହୂର୍ତ୍ତରେ ରାଜା ପରମାତ୍ମାଙ୍କ ଦର୍ଶନ ଲାଭ କଲେ । ଜୀବ ଓ ବ୍ରହ୍ମ ଏକ ହୋଇଗଲେ ।

ସତ୍ରରେ ଭାଗ ନେଇଥିବା ମହର୍ଷିମାନେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ । ମହର୍ଷି ବ୍ୟାସଦେବ ମନେ ମନେ ଭାବିବାରେ ଲାଗିଲେ - 'ମୁଁ ମୋ ପୁଅ ଶୁକଦେବଙ୍କୁ ଭାଗବତ ଶାସ୍ତ୍ରର ଅଧ୍ୟାପନା ଅଭ୍ୟାସ କରାଇଲି । ହେଲେ ଶୁକଦେବ ଯେଉଁ ତତ୍ତ୍ୱ ଆହରଣ କରିପାରିଛନ୍ତି ସେ ସମସ୍ତକୁ ମୁଁ ଆଜି ପର୍ଯ୍ୟନ୍ତ ଜାଣିପାରି ନାହିଁ ।"

ବ୍ୟାସ ବି ଶୁକଦେବଙ୍କୁ ପ୍ରଣାମ କଲେ ।

ଏହା ପୂର୍ବରୁ ପିତା ବସୁଦେବ ପୁତ୍ର କୃଷ୍ଣଙ୍କୁ ପ୍ରଣାମ କରିଥିଲେ । ଏହାର ଆହୁରି ପୂର୍ବରୁ ମାତ ଦେବହୂତି ପୁତ୍ର କପିଳଙ୍କୁ ପ୍ରଣାମ କରିଥିଲେ । କନିଷ୍ଠଙ୍କ ତତ୍ତ୍ୱଜ୍ଞାନ ଜ୍ୟେଷ୍ଠଙ୍କୁ ଅବନତ ମସ୍ତକ କରି ଦେଇଥାଏ ।

ତତ୍ପରେ ଗୁରୁଦେବ ଶୁକଦେବ ଅନ୍ତର୍ଦ୍ଧାନ ହୋଇଗଲେ ।

ମହାରାଜ ପରୀକ୍ଷିତଙ୍କ ଶରୀରରୁ ଏକ ଜ୍ୟୋତି ଉତ୍ପନ୍ନ ହେଲା । ସେହି ଜ୍ୟୋତି ମହାଜ୍ୟୋତିରେ ମିଶିଗଲା ।

ତକ୍ଷକ ଆସି ରାଜାଙ୍କୁ ଦଂଶନ କଲା । ସେତେବେଳେ ପରୀକ୍ଷିତ ଅବଶ୍ୟ ଭଗବାନଙ୍କ ଧାମରେ ପହଞ୍ଚି ଯାଇଥିଲେ । ପରୀକ୍ଷିତଙ୍କ ଭଳି କାଳର ଆଗମନ ପୂର୍ବରୁ ପରମଧାମରେ ପହଞ୍ଚି ପାରୁଥିବା ଜୀବ ହିଁ ଧନ୍ୟ ।

ସୂତ କହୁଛନ୍ତି- 'ପରୀକ୍ଷିତଙ୍କ ମୋକ୍ଷ ମୁଁ ନିଜେ ସ୍ୱଚକ୍ଷୁରେ ଦେଖିଛି ।

ସକଳ ପାପର ନାଶକର୍ତ୍ତା ତଥା ଇନ୍ଦ୍ରିୟଙ୍କ ନିୟନ୍ତା ଭଗବାନ ଶ୍ରୀହରିଙ୍କର ଏପରି କଥା ଭାଗବତରେ ବର୍ଣ୍ଣନା କରାହୋଇଛି ।

ସତ୍‌କର୍ମର ଅନ୍ତ ହୁଏ ନାହିଁ । ତେଣୁ ଜୀବନର ଅନ୍ତିମ ମୁହୂର୍ତ୍ତ ପର୍ଯ୍ୟନ୍ତ ସତ୍‌କର୍ମ କରୁଥିବା ଉଚିତ ।

କଥା ଶ୍ରବଣ ସମୟରେ ବକ୍ତା ଓ ଶ୍ରୋତାଙ୍କର ଜାଣ ଅଜାଣତରେ କେତେକ ଦୋଷ ହୋଇ ଯାଇଥାଏ । ତେଣୁ କଥା ସମାପ୍ତ ପରେ ତିନି ଥର 'ଶ୍ରୀ ହରୟେ ନମଃ' ଅଥବା ତିନିଥର 'ଓଁ ପରମବ୍ରହ୍ମ ଗୁରୁ ଶ୍ରୀଗୁରୁ ଅଚ୍ୟୁତ ଗୋଲୋକନାଥାୟ ନମଃ" ଏହିପରି ଉଚ୍ଚାରଣ କରିବା ଆବଶ୍ୟକ । ଏପରି ଜପ କରିବା ଦ୍ୱାରା ଦୋଷ ଜଳିଯାଏ ।

ପତିତଃ ସ୍ଖଳିତଶ୍ଚାର୍ତ୍ତଃ କ୍ଷୁତ୍ତ୍ୱା ବା ବିବଶୋ ବ୍ରୁବନ୍ ।

ହରୟେ ନମଃ ଇତ୍ୟୁଚ୍ଚୈର୍ମୁଚ୍ୟତେ ସର୍ବପାତକାତ୍ । (ଶ୍ରୀ ଭା : ୧୨ ।୧୨ ।୪୬)

ଅର୍ଥାତ୍, ଯେଉଁ ମଣିଷ ତଳେ ପଡ଼ିଯାଇଥିବା ସମୟରେ, ଗୋଡ଼ ଖସିଯାଉଥିବା ସମୟରେ, ଦୁଃଖ ପାଉଥିବା ସମୟରେ ଅଥବା ଛିଙ୍କିବା ସମୟରେ ବିବଶତାରେ ବି ଉଚ୍ଚ ସ୍ୱରରେ 'ହରୟେ ନମଃ' ଉଚ୍ଚାରଣ କରିଦିଏ, ସେ ତତ୍କାଳ ସମସ୍ତ ପାପରୁ ମୁକ୍ତ ହୋଇଯାଏ ।

ଏହି ପାପ କାହାକୁ କୁହାଯାଏ ? ପ୍ରାଣୀ ପାପ କାହିଁକି କରେ ?

ସଂସ୍କାର ବଶୀଭୂତ ହୋଇ ଜୀବ ପାପ କରେ । ଜୀବକୁ ପାପ ଓ ପୁଣ୍ୟ ଅନୁସାରେ ଶରୀର ମିଳିଥାଏ । ସୂକ୍ଷ୍ମ ଶରୀରରେ ଏହି ପାପ ପୁଣ୍ୟର ସଂସ୍କାର ପୂର୍ବରୁ ରହିଥାଏ । ପୁଣ୍ୟର ବି ବନ୍ଧନ ଅଛି । ପୁଣ୍ୟରୁ ବି ଜନ୍ମ ଓ ମୃତ୍ୟୁ ହୋଇଥାଏ । ପୁଣ୍ୟ କଲେ ମନୁଷ୍ୟ ପରକାଳରେ ସ୍ୱର୍ଗକୁ ଓ ସ୍ୱର୍ଗୀୟ ସୁଖ ପାଏ । ମାତ୍ର ସ୍ୱର୍ଗରେ ପୁଣ୍ୟ ବର୍ଦ୍ଧନ କରିବାର ଉପାୟ ନଥାଏ । ପୁଣ୍ୟ ଭୋଗ ଦ୍ୱାରା କ୍ଷୟ ହୁଏ ଏବଂ ପରିଶେଷରେ କର୍ମଭୂମି ପୃଥିବୀରେ ପୁନର୍ବାର ଜନ୍ମ ନେବାକୁ ହୋଇଥାଏ । ଆବାଗମନରୁ ମୁକ୍ତ ହେବା ପାଇଁ ପୁଣ୍ୟ ବି କରାଯାଏ ନାହିଁ । ଏହା ବି ଏକପ୍ରକାର ପାପ ।

ମଣିଷ ଏହି କାରଣରୁ ପାପପୂର୍ଣ୍ଣ ଶରୀର ଧାରଣକରି ମର୍ତ୍ତ୍ୟମଣ୍ଡଳକୁ ଆସିଥାଏ । ଭଗବତ ସେବା, ଭଗବତ ସ୍ମରଣକୁ ଛାଡ଼ି ଜୀବ ଆଉ ଯାହା କରେ ତାହା ହିଁ ପାପ ହୋଇଥାଏ । ସଂସାରୀ ବସ୍ତୁକୁ ମୋର ମୋର କହିବା ପାପ । ମନୁଷ୍ୟ ଭଗବତ୍ ସେବା କରିବା ଉଚିତ । ଭଗବାନଙ୍କ ନାମ କୀର୍ତ୍ତନ କଲେ ସର୍ବପାପ ନାଶ ହୁଏ । ତତ୍ ସହ 'ହରୟେ ନମଃ' ଉଚ୍ଚାରଣ କଲେ ପାପରୁ ମୁକ୍ତ ହୋଇଯାଏ ।

ମାନବଙ୍କ କଲ୍ୟାଣ ପାଇଁ ଭାଗବତ ଅତି ସରଳ ଓ ସହଜ ମାର୍ଗ ପ୍ରଦର୍ଶନ କରିଥାଏ ।

କେତେକ ପଣ୍ଡିତ ବର୍ଣ୍ଣାଶ୍ରମଧର୍ମ ପାଳନ କରିବା ପାଇଁ ଉପଦେଶ ଦିଅନ୍ତି, ଆଉ କେତେକ ତପସ୍ୟା ତଥା ଅଧ୍ୟୟନ ଆଦି ନିମନ୍ତେ ଉପଦେଶ ଦିଅନ୍ତି । ଏ ସମସ୍ତ ପାଇଁ କଠିନ ପରିଶ୍ରମ କରିବା ପାଇଁ କହନ୍ତି । ହେଲେ ଏହି କଠିନ ପରିଶ୍ରମର ଫଳ କ'ଣ ମିଳେ ? ଯଶ ଅଥବା କେବଳ ଲକ୍ଷ୍ମୀ ପ୍ରାପ୍ତି । କିନ୍ତୁ ଭଗବାନଙ୍କର ଗୁଣ, ଲୀଳା, ନାମ ଆଦିର ଶ୍ରବଣ, କୀର୍ତ୍ତନ ଆଦି ତାଙ୍କର ଶ୍ରୀଚରଣକମଳରେ ଅବିଚଳ ସ୍ମୃତି ପ୍ରଦାନ କରିଥାଏ ।

## ଉପକାରୀ ପଣସ

ପଣସର ମସଲାଦିଆ ତରକାରୀ ନାଁ ଶୁଣିଲେ ପାଟିରୁ ଲାଳ ବାହାରିଆସେ । ଏହାକୁ ତିଆରି କରିବା ଯଦିଓ ସମୟ ବହୁଳ, କିନ୍ତୁ ଖାଇବାର ମଜା ଅଲଗା । ପାଟିରୁ ସ୍ୱାଦିଷ୍ଟ ପଣସର ରହିଛି ଅନେକ ସ୍ୱାସ୍ଥ୍ୟୋପଯୋଗୀ ଗୁଣ । ଏଥିରେ ଥିବା ଭିଟାମିନ୍, ପଟାସିୟମ, କ୍ୟାଲସିୟମ୍, ଆଇରନ୍, ମ୍ୟାଗ୍ନେସିୟମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ।

ପଣସ ମଞ୍ଜିରେ ଫାଇବର୍ ପ୍ରଚୁର ମାତ୍ରାରେ ଥାଏ । ଏହାର ସେବନ ଦ୍ୱାରା ପାଚନ ତନ୍ତ୍ର ମଜଭୁତ ହୋଇଥାଏ । ଯେଉଁ ଲୋକଙ୍କର ପେଟ ସମ୍ବନ୍ଧିତ ସମସ୍ୟା ଥାଏ, ସେମାନେ ସାପ୍ତାହକୁ ଅତିକମରେ ଦୁଇଥର ପଣସ ତରକାରୀ ସେବନ କରିବା ଉଚିତ୍ ।

ଚକ୍ଷୁ ସମ୍ବନ୍ଧିତ ସମସ୍ୟାରେ ପୀଡିତ ଥିଲେ ପଣସ ବେଶ୍ ଫାଇଦା ଦେଇଥାଏ । ଏଥିରେ ଥିବା ଭିଟାମିନ୍ 'ଏ' ଆଖିରେ ସୃଷ୍ଟି ମୋତିଆବିନ୍ଦୁ ଏବଂ ଅନ୍ଧାରକଣା ଭଳି ରୋଗ ଭଲ କରିଥାଏ ।

ପଣସ ମଞ୍ଜିରେ ଆଇରନ୍ ଭରପୂର ଥାଏ । ଏହାର ସେବନ ଦ୍ୱାରା ହିମୋଗ୍ଲୋବିନ୍ ସ୍ତର ବୃଦ୍ଧିପାଏ । ଯଦି ଶରୀରରେ ରକ୍ତର ଅଭାବ ଥାଏ,



ତେବେ ପଣସ ମଞ୍ଜି ଖାଇବା ଆରମ୍ଭ କରନ୍ତୁ, ଲାଭ ପାଇବେ ।

ଯେଉଁମାନେ ଥାଇରଏଡରେ ପୀଡିତ, ସେମାନଙ୍କ ପାଇଁ ପଣସ କୌଣସି ମହୌଷଧିଠୁ କମ୍ ନୁହେଁ । ଏଥିରେ ଥିବା ପୋଷକ ତତ୍ତ୍ୱ ଥାଇରଏଡ୍ ଗ୍ରନ୍ଥିକୁ ନିୟନ୍ତ୍ରଣ କରିଥାଏ ।

ପଣସ ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ ପ୍ରଚୁର ଥାଏ । ଏହାଛଡ଼ା ମଞ୍ଜିରେ ଥିବା ବିଭିନ୍ନ ପ୍ରକାର ପୋଷକ ତତ୍ତ୍ୱ ଶରୀରରେ କ୍ୟାନସର କୋଷିକା ବୃଦ୍ଧିକୁ ବାଧା ପହଞ୍ଚାଇଥାଏ । ଏଣୁ କ୍ୟାନସରରୁ ରକ୍ଷା ପାଇବାକୁ ଏବେଠୁ ପଣସ ଖାଇବା ଆରମ୍ଭ କରିଦିଅନ୍ତୁ ।

## ବ୍ଲଡ଼ପ୍ରେସରକୁ ସନ୍ତୁଳିତ ରଖେ ଅଳେଇଚ

ସାଧାରଣତଃ ଖାଦ୍ୟ ପଦାର୍ଥ ପ୍ରସ୍ତୁତ କରିବା ସମୟରେ ଅଳେଇଚ ବ୍ୟବହାର କରାଯାଇଥାଏ । ଏହା ଚା'କୁ ଆହୁରି ସ୍ୱାଦିଷ୍ଟ କରିଥାଏ । ତେବେ ଏଥିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷ ଭାବରେ ଜଣେ ବ୍ଲଡ଼ପ୍ରେସର



ରୋଗୀଙ୍କ ପାଇଁ ଅଳେଇଚ ବରଦାନ ସଦୃଶ । ଏହାକୁ ପ୍ରତିଦିନ ଖାଇଲେ ବ୍ଲଡ଼ପ୍ରେସର ସନ୍ତୁଳିତ ରହିଥାଏ । ଅଳେଇଚ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ରହିଥାଏ ଏବଂ ପଲସ୍ ରେଟ୍ ଠିକ୍ ରହିଥାଏ । କିଡ୍‌ନୀକୁ ସୁରକ୍ଷା ଦେବାରେ ଏହା କେତେକାଂଶରେ ସହାୟକ ହୋଇଥାଏ ବୋଲି ନିକଟରେ ଏକ ଗବେଷଣାରୁ ଜଣାପଡିଛି । ମ୍ୟାଗ୍ନେସିୟମ ଏବଂ କ୍ୟାଲସିୟମ୍‌ର ଅନ୍ୟତମ ଉତ୍ସ ହେଲା ଅଳେଇଚ ।

## ରକ୍ତ ସଞ୍ଚାଳନକୁ ସନ୍ତୁଳିତ ରଖେ ହଳଦୀ

ହଳଦୀରେ ଅନେକ ପ୍ରକାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ଭରି ରହିଛି । ଏଥିରେ ଏଭଳି ତତ୍ତ୍ୱ ରହିଛି, ଯାହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରିଥାଏ । କେବଳ ସେତିକି ନୁହେଁ, ଜଣେ ଡାଇବେଟିସ୍ ରୋଗୀ ଏହାକୁ ଖାଦ୍ୟ ତାଲିକାରେ ସାମିଲ କଲେ ରକ୍ତରେ ସୁଗାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ । ସବୁଠାରୁ ଖାସ୍ କଥା ହେଲା ଏଥିରେ 'କୁରକୁମିନ୍' ନାମକ ତତ୍ତ୍ୱ ରହିଛି, ଯାହା ରକ୍ତ ସଞ୍ଚାଳନକୁ ଠିକ୍ ରଖିଥାଏ । ତା' ସହ ରକ୍ତଚାପକୁ ଅନେକାଂଶରେ ସନ୍ତୁଳିତ ରଖିବାରେ ସହାୟକ ହୋଇଥାଏ ହଳଦୀ । ଏହାର ଆଉ ଏକ ଉପକାରୀ ଗୁଣ ରହିଛି । ହଳଦୀରେ ଆଣ୍ଟିଅକ୍ସିଡାଣ୍ଟ



ପିଗ୍‌ମେଣ୍ଟ ରହିଛି, ଯାହା ଆମ ଚର୍ମ କୋଷଗୁଡ଼ିକୁ ସୂର୍ଯ୍ୟକିରଣରୁ ରକ୍ଷା କରିଥାଏ । ମସ୍ତିଷ୍କ ବିକାଶରେ ଏହା କେତେକାଂଶରେ ସାହାଯ୍ୟ କରିଥାଏ । ଆଲଜିମର୍ସ ରୋଗୀଙ୍କ ପାଇଁ ହଳଦୀ ମଧ୍ୟ ଉପକାରୀ ସାବ୍ୟସ୍ତ ହୋଇଥାଏ । ଆର୍ଥ୍ରାଇଟିସ ସମସ୍ୟାରୁ ଏହା ମଧ୍ୟ ଉପଶମ ଦେଇଥାଏ । ଏହାକୁ ଖାଇବା ଦ୍ୱାରା ଓଜନ ସନ୍ତୁଳିତ ରହିଥାଏ ।

# ପରାଜିତ ସିକନ୍ଦର କହିଲା- 'ମୁଁ ଖାଲି ହାତରେ ଯାଉଛି'

ସଂସାର ଯେପରି ଅଛି ସେପରି ରହିବ, ବଦଳାବଦଳି ସବୁ ଚାଲୁଥିବ, କିନ୍ତୁ ଅପରିବର୍ତ୍ତନୀୟ ଆତ୍ମାର ସ୍ୱଭାବ କେବେ ନ ବଦଳିବା କଥା । ସଂସାରକୁ ଆସି ନିଜର ମୂଳ ସାରତତ୍ତ୍ୱକୁ ବଦଳାଇ ଦେଲେ ସବୁ ଗଡ଼ବଡ଼ ହୋଇଯାଏ । ଜ୍ଞାନ ସ୍ୱରୂପରେ ଅଜ୍ଞାନତାର ଆବରଣ ପଡ଼ିଗଲେ ସୂର୍ଯ୍ୟ ବାଦଲରେ ଓ ଅଗ୍ନି ପାଉଁଶରେ ଢାଙ୍କିହେଲାପରି ଆନନ୍ଦସ୍ୱରୂପ ଆତ୍ମା ଅନିନ୍ଦ୍ୟ ସ୍ୱଭାବକୁ ଭୁଲି ନିନ୍ଦନୀୟ କର୍ମସବୁ କରିବାକୁ ଲାଗେ ଏବଂ ଅନନ୍ତକାଳୀନ ଭବବନ୍ଧନରେ ବାନ୍ଧି ହୋଇଯାଏ । ତା'ପରେ ତା'ର ସିଦ୍ଧି-ଋଦ୍ଧି ଓ ଐଶ୍ୱର୍ଯ୍ୟ ବିଭୂତିରେ ଭରା ହାତ ଖାଲି ହୋଇଯାଏ ଓ ସେ ଫେରିଲାବେଳେ ଖାଲିହାତରେ ହିଁ ଯାଏ ।

ବିଶ୍ୱ –ବିଜୟର ସୁନେଲି ସ୍ୱପ୍ନ ନେଇ ଦିଗ୍‌ବିଜୟ କରିଥିବା ଦୁର୍ଜେୟ ଯୋଦ୍ଧା ସିକନ୍ଦରର ଅବସ୍ଥା ମଧ ସେହିପରି ହେଲା । ବଡ଼ ବଡ଼ ଯୋଦ୍ଧାମାନଙ୍କୁ ଧୂଳିରେ ମିଶାଇ ଦେଉଥବା ମହାଯୋଦ୍ଧା ଶେଷରେ ସାମାନ୍ୟ ମଶାଟିଏ କାମୁଡ଼ି ଦେବାରୁ ମୃତ୍ୟୁପ୍ରାପ୍ତ ହୋଇଗଲା । ମଦ ପିଇ ଓ ଭୋଗ ବିଳାସରେ ଲିପ୍ତ ରହି ତା'ର ଶରୀର ଏତିକି ଦୁର୍ବଳ ହୋଇ ଯାଇଥିଲା ଯେ, ସାମାନ୍ୟ ମେଲେରିଆ କୀଟାଣୁର ମୁକାବିଲା ବି ସେ କରିପାରିଲା ନାହିଁ । ବେବିଲୋନରେ ଯାଇ ତା'ର ଦୟନୀୟଭାବେ ପ୍ରାଣାନ୍ତ ହେଲା । ଜୀବନସାରା ଲୋକଙ୍କୁ ଦେଇଥିବା ନାନାପ୍ରକାର ଯାତନା ଓ ଅତ୍ୟାଚାରର ପ୍ରତିଶୋଧ ଏକ କ୍ଷୁଦ୍ର ମଶା ନେଇଗଲା ।

ବିଶ୍ୱ –ବିଜୟର ଯାତ୍ରା କ୍ରମରେ ଅହଂକାରୀ ସିକନ୍ଦର ନିଜ ସେନାସହିତ ଭାରତର ଉତ୍ତର- ପଶ୍ଚିମ ସୀମାନ୍ତର ଏକ ନଗରରେ ଆସି ତମ୍ବୁ ମାରି ରହିଥିଲା । ସାରା ଦିନର କ୍ଲାନ୍ତି ମେଣ୍ଟାଇବା ପାଇଁ ସେ କିଛି ଅଧିକାରୀଙ୍କୁ ନେଇ ନିକଟସ୍ଥ ଗ୍ରାମକୁ ଗଲା । ସେତେବେଳେ ସେଠାରେ କୌଣସି ଉତ୍ସବ ଚାଲୁଥିଲା । ଗୀତ-ସଙ୍ଗୀତର ଆସର ଜମିଥିଲା । ଗ୍ରାମର ଯୁବକ-ଯୁବତୀମାନଙ୍କର ନୃତ୍ୟଛଟା ଏତିକି ମନମୋହକ ଲାଗୁଥିଲା ଯେ ସିକନ୍ଦରର ଗର୍ବୀ – ଅହଂକାରୀ ମନ ମଧ ମୁଗ୍ଧ ହୋଇଗଲା । ରାତି ବିଳମ୍ବିତ ହେଉଥବାରୁ ସିକନ୍ଦର ସେହିଠାରେ ଭୋଜନ କରିବାର ଇଚ୍ଛା ବ୍ୟକ୍ତ କଲା । ତା'ର ଇଚ୍ଛାକ୍ରମେ ଗ୍ରାମୀଣ ଯୁବତୀଙ୍କ ଦ୍ୱାରା ଭୋଜନ ଥାଳି ଆଣି ତା' ଆଗରେ ରଖିଦିଆଗଲା । ଥାଳି ମୂଲ୍ୟବାନ କପଡ଼ାରେ ଢଙ୍କା ଥିଲା । ଯେମିତି ସେ କପଡ଼ା ଉଠାଇଲା, ତା ଭିତରେ ଜ୍ୱାଳାମୁଖୀ ଫୁଟିପଡ଼ିଲା । ମନ ହେଉଥିଲା ସେହି କ୍ଷଣରେ ଯୁବତୀଙ୍କ ମୁଣ୍ଡ କାଟି ଦେବା ପାଇଁ, କିନ୍ତୁ ଭାରତୀୟଙ୍କ ବିଚିତ୍ର ବ୍ୟବହାରର କିଛି ଅର୍ଥ ଥିବା କଥା ଭାବି ସେ ଯୁବତୀଙ୍କୁ ପଚାରିଲା - ଏ କ'ଣ ?

ଆପଣଙ୍କ ଯୋଗ୍ୟ ଭୋଜନ ।' ଏକ ଯୁବତୀ ନିର୍ଭୀକତାରସହ ଉତ୍ତର ଦେଲା । ଭିତରର କ୍ରୋଧ ଛପାଇ ସିକନ୍ଦର କହିଲା – 'ଇଏ କି ପ୍ରକାର ଭୋଜନ ' ଯୁବତୀ – 'ଯାହା ଆପଣ ଖାଆନ୍ତି ।' ଯୁବତୀ ପୁଣି କହିଲା– 'ଶୁଣିଛି, ଗ୍ରୀକ୍ ପ୍ରଶାସକ ସମ୍ରାଟ୍ ସିକନ୍ଦରକୁ ସୁନା-ଚାନ୍ଦିର ବହୁତ ଭୋକ ରହିଛି । ତେଣୁ ସେ ଇରାନ, ସିରିଆ, ମିଶର, ଫିନିଶିଆ, ଜୁଦେଆ, ମେସୋପୋଟାମିଆ, ଗାଜା, ବ୍ୟାକ୍ଟ୍ରିଆ ଆଦି ଦେଶର ହୀରା ମୋତିରେ ଭୋକ ନ ମେଣ୍ଟିବାରୁ ଭାରତ ପର୍ଯ୍ୟନ୍ତ ଭୋକ ମେଣ୍ଟାଇବା ପାଇଁ ଦୌଡ଼ି ଆସିଛି । ତେଣୁକରି ତାଙ୍କ ସେବାରେ ଏହି କିଛି ପଦାର୍ଥ (ଆଭୂଷଣ) ପ୍ରସ୍ତୁତ କରାଯାଇଛି ।'

ଯୁବତୀଙ୍କ କଟାକ୍ଷ ବାଣୀ ସିକନ୍ଦରଙ୍କ ବକ୍ଷକୁ ବିନ୍ଧି ଛିନ୍ନଭିନ୍ନ କରିଦେଲା । ସେ ବିକ୍ଷିପ୍ତଙ୍କ ପରି ଚିତ୍କାର କରିଉଠିଲା କି ଏମାନଙ୍କର କ'ଣ କରାଯିବ ଏଥିପୂର୍ବରୁ ଏକ କୌପୀନଧାରୀ ଭାରତୀୟ ସନ୍ୟାସୀ ବି ତାକୁ ଭଲ ଶିକ୍ଷା ଦେଇଥିଲା । ସେ ତାକୁ ମନେ ପକାଇ ଘୋର ଅପମାନ ବୋଧ କରୁଥିଲା, କିନ୍ତୁ ସନ୍ୟାସୀର ନିର୍ଭୀକ ସ୍ୱର ତଥା ତାହା ପାଇଁ କରାଯାଇଥିବା ସନ୍ନିକଟ ମୃତ୍ୟୁ ବିଷୟକ ଭବିଷ୍ୟବାଣୀ ବାରମ୍ବାର ମନେ ପଡୁଥିବାରୁ ସେ ଭିତରେ ଭିତରେ ଭାଙ୍ଗି ପଡୁଥିଲା । ଜୀବନର ଅକାଟ୍ୟ ସତ୍ୟ 'ସୁନିଶ୍ଚିତ ମୃତ୍ୟୁ'ର ଆଭାସ ମଧ ତାକୁ ହେଉଥିଲା । ଏକ କ୍ଷୁଦ୍ର ମଶାର ଦଂଶନ ତା' ଜୀବନର କଣ୍ଟାହୋଇ କାଟୁଥିବା ଦେଖି ଭାରତୀୟ ସନ୍ୟାସୀଙ୍କ କଥନ ଉପରେ ଦୃଢ଼ ବିଶ୍ୱାସ ବି ହେଉଥିଲା । ତା'ଦ୍ୱାରା ଅନୀତିପୂର୍ବକ ଅର୍ଜିତ ଅପାର ଧନ ସମ୍ପତ୍ତି ପାଖରେ ରହିଛି, କିନ୍ତୁ କିଛି କାମରେ ଆସୁନାହିଁ ଓ ଆସିବ ବି ନାହିଁ । ସାଥୀ, ମିତ୍ର, ପଡ଼ୋଶୀ ଆଦି କେହି ତା' ସହିତ ଯିବେନାହିଁ, ଏକଥା ସେ ଜାଣୁଥିଲା, ତେଣୁ ତାକୁ ଘୋର ନିରାଶା ଓ କଷ୍ଟ ହେଉଥିଲା । ଦୀନଜନଙ୍କପ୍ରତି କରିଥିବା ଅନୀତି ଅତ୍ୟାଚାରଜନିତ ପୀଡ଼ା ତାକୁ ହୀନମନ୍ୟତାରେ ଭରି ଦେଉଥିଲା । ସର୍ବମୋଟରେ ସେ ଜାଣିଗଲା, ତା' ପାଖରେ ସବୁ ଥାଇ ସୁଦ୍ଧା କିଛି ନାହିଁ । ସେ ପୂର୍ଣ୍ଣରୂପେ ଖାଲିହାତ ହୋଇ ଯାଉଛି । ସାଙ୍ଗରେ ଯିବା ଜିନିଷ ଅଛି ତ କେବଳ ସନ୍ତାପ, ହୀନମନ୍ୟତାର ଭାବନା, ଅମୂଲ୍ୟ ସମୟର ଦୁରୁପଯୋଗ କରି ଜୀବନ ବ୍ୟର୍ଥ କରିବାର ଭୀଷଣ ପଶ୍ଚାତାପ ଓ ତଜ୍ଜନିତ ସନ୍ତାପ ।

ସିକନ୍ଦର ଯେତେବେଳେ ମୃତ୍ୟୁଶଯ୍ୟାରେ ଶୋଇଥିଲା, ନିଜର ଯିବା ସମୟ ନିକଟ ଜାଣି ଏକ ମିତ୍ରକୁ ଡାକି କହିଲା 'ଦେଖ ମିତ୍ର । ଯେବେ ମୋର କୋକେଇ ସଜାଇବ, ଯିବାବେଳେ ମୋର ଦୁଇହାତକୁ ବାହାରକୁ ଝୁଲାଇଦେବ, ଯାହା ଦ୍ୱାରା ଲୋକେ ଜାଣି ପାରିବେ, ମୁଁ ଖାଲିହାତରେ ଯାଉଛି । ସମସ୍ତେ ବୁଝିଯିବା ଦରକାର, ସିକନ୍ଦର ଗଲା ତ ଖାଲି ହାତରେ ହିଁ ଗଲା ।'

ଏହା କହି ସେ ଦେହତ୍ୟାଗ କରିଦେଲା । ନା ସାଥୀ ଗଲେ, ନା ସମ୍ପତ୍ତି ଗଲା, ଏକା ଆସିଥିବା ସିକନ୍ଦର ଏକା ହିଁ ଗଲା । ଲୋକେ କହିଲେ, କ'ଣ ହେବ ଯେତେ ଅର୍ଜନ କରିଥିଲେ ପରର ଥିଲା ତ ପର ହିଁ ହେଲା । ଅହଂକାରରେ ଭ୍ରମିତ ହୋଇ ଅସତ୍ୟ ହିଁ ଅର୍ଜିତ କରିଥିଲା, ରହିମ ତାକୁ ମୁହଁ ମୋଡ଼ି ଦେଲେ ତ 'ରାମନାମ ସତ୍ୟ' ହୋଇଗଲା । ବିଜୟ ଗର୍ବରେ ଭାବୁଥିଲା ଅଜେୟ ଯୋଦ୍ଧା ସେ ସଦା ଅଜେୟ ରହିବ, କିନ୍ତୁ ସମୟର ନ୍ୟାୟ ତାକୁ ହେୟ ସିଦ୍ଧକରି ପରାଜିତ କରିଦେଲା ।

## ପ୍ରଭୁଙ୍କୁ ନ ଭୁଲିବା ପାଇଁ ମାଗିଲେ ଦୁଃଖର ବରଦାନ

କୁନ୍ତୀଙ୍କର ସାରା ଜୀବନ ଦୁଃଖ – କଷ୍ଟରେ ବିତିଛି । ଯଦ୍ୟପି ତାଙ୍କ ସାଙ୍ଗରେ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ ଥିଲେ ଏବଂ କୁନ୍ତୀ ଏକଥା ଜାଣି ବି ଥିଲେ ଯେ କୃଷ୍ଣ ଶ୍ରୀବିଷ୍ଣୁଙ୍କ ଅବତାର । କୁନ୍ତୀଙ୍କର ସେ ନିକଟତମ ସମ୍ପର୍କୀୟ ବି, କିନ୍ତୁ ଦୁଃଖ-କଷ୍ଟରୁ ମୁକ୍ତି ପାଇବା ନିମନ୍ତେ ସେ ତାଙ୍କୁ କେବେ ଯାଚନା କରି ନ ଥିଲେ ।

କୁନ୍ତୀଙ୍କ ଜୀବନର ଦୁଃଖ ତ ଦେଖନ୍ତୁ, ବିବାହ ହୋଇ ଯେତେବେଳେ ଶ୍ୱଶୁରଘରକୁ ଆସିଲେ, ହସି – ଖୁସିର ଜୀବନ ଆରମ୍ଭ କରୁ କରୁ ରାଜା ପାଣ୍ଡୁଙ୍କୁ ଶାପ ମିଳିଲା ଓ ପତିଙ୍କ ସହିତ ତାଙ୍କୁ ବନକୁ ଯିବାକୁ ପଡ଼ିଲା । ପାଞ୍ଚ ପାଞ୍ଚଟି ପୁତ୍ରରତ୍ନ ପ୍ରାପ୍ତ ହେଲେ, କିନ୍ତୁ ପ୍ରିୟତମ ପତିଙ୍କ ଚିରବିୟୋଗ ବି ହେଲା, ଏହା ସହିତ ପ୍ରିୟସଖୀ ଓ ଭଉଣୀପରି ମାଦ୍ରୀଙ୍କର ବି ଚିରବିୟୋଗ ଘଟିଗଲା । ଏହି ବିୟୋଗାବସ୍ଥାରେ ପୁତ୍ରମାନଙ୍କୁ ନେଇ ଦୀର୍ଘଦିନ ବନବାସ କଷ୍ଟ ଭୋଗିବା ପରେ ପିତାମହ ଭୀଷ୍ମଙ୍କ ଡାକରାରେ ହସ୍ତିନାପୁର ଆସିଲେ । ଏଠାକୁ ଆସିବା ପରେ କୌରବଙ୍କ କୁଚକ୍ର ଆରମ୍ଭ ହୋଇଗଲା । ଶ୍ରୀକୃଷ୍ଣଙ୍କର ସହାୟତା ତ ମିଳିଲା, କିନ୍ତୁ ଲାକ୍ଷାଗୃହ-ବାରୁଣାବତର ଅଗ୍ନିକାଣ୍ଡ କମ୍ କଷ୍ଟକର ନ ଥିଲା । ପଛେ ପାଣ୍ଡବଙ୍କର ଦ୍ରୌପଦୀ ସହିତ ବିବାହ ହେବାପରେ ରାଜ୍ୟ ବିଭାଜନକୁ ନେଇ ପୁଣି ଛଳ-ଛଦ୍ମ ଏବଂ ପାଣ୍ଡବଙ୍କୁ ଖାଣ୍ଡବ ପ୍ରସ୍ଥରୂପୀ ଏକ ଅନୁର୍ବର ବନ୍ୟପ୍ରଦେଶ ପ୍ରାପ୍ତ ହେବା କେତେ ଦୁଃଖ ଦାୟକ ଥିଲା ! ତାକୁ ନିଜ କଠିନ ପରିଶ୍ରମରେ ସଜାଇ ଇନ୍ଦ୍ରପ୍ରସ୍ଥରେ ପରିଣତ କରିଦେବାପରେ ପୁଣି କୌରବଙ୍କ ଈର୍ଷା ଓ ଜୁଆରୂପୀ କୁଟିଳ ଖେଳର ଆରମ୍ଭ । ଏଥରେ ଦ୍ରୌପଦୀର ଅପମାନ, ପାଣ୍ଡବଙ୍କୁ ପୁଣି ବାରବର୍ଷ ବନବାସ ଓ ଏକବର୍ଷ ଅଜ୍ଞାତବାସର କଷ୍ଟକର କାଳଯାପନ କରିବାକୁ ପଡ଼ିଲା । ତା'ପରେ ମହାଭାରତର ଭୀଷଣ ସଂଗ୍ରାମ ଏବଂ ଏହାପରେ କୁନ୍ତୀଙ୍କର ପୁଣି ବନଗମନ ଓ ସେଠାରେ ହିଁ ମୃତ୍ୟୁ ।

ଏତେ ଦୁଃଖ ଦୁର୍ଦ୍ଦଶା ସହନ କରିଥିବା କୁନ୍ତୀଙ୍କୁ ଯେବେ ଶ୍ରୀକୃଷ୍ଣ ପଚାରିଲେ କି ତୁମକୁ କି ବର ଦରକାର ? ତେବେ କୁନ୍ତୀଙ୍କ ଭକ୍ତିପୂତ ବାଣୀରେ ଦେଇଥିବା ଉତ୍ତର ଅତ୍ୟନ୍ତ ଆଶ୍ଚର୍ଯ୍ୟକାରୀ ଥିଲା । ସେ କହିଲେ, 'ହେ କେଶବ ! ମୋତେ ଦୁଃଖର ବରଦାନ ଦରକାର ।'

ଶ୍ରୀକୃଷ୍ଣ ପଚାରିଲେ, 'ଏତେ ଦୁଃଖପରେ ପୁଣି ଦୁଃଖ କାହିଁକି ?

କୁନ୍ତୀ କହିଲେ, 'ଏଥିପାଇଁ ଯେ, ଦୁଃଖବେଳେ ତୁମେ ବହୁତ ମନେ ପଡ଼ । ଦୁଃଖର ବରଦାନ ଏଥିପାଇଁ ଯେ, ମୁଁ ତୁମକୁ କେବେ ଭୁଲିବାକୁ ଚାହେଁନା । ତୁମେ ମୋ ମନ-ପ୍ରାଣରେ ସଦା ସ୍ମରଣ ରହ, ଏଥିପାଇଁ ମୁଁ ଦୁଃଖ ମାଗୁଛି । ସେହି ଦୁଃଖ ମୋତେ ବହୁତ ଭଲ ଲାଗେ, ଯିଏ ତୁମକୁ ମନେ ପକାଇବାରେ ସହାୟତା କରେ । ଜୀବନର ପ୍ରତି ଶ୍ୱାସରେ ମୁଁ ତୁମକୁ ମନେ ପକାଉଥିବି, ଏଥିପାଇଁ ମୋତେ ଦୁଃଖ ଦରକାର ।'

ଶ୍ରୀକୃଷ୍ଣ ଭାବବିଭୋର ହୋଇ କହିଲେ, 'ଧନ୍ୟ ତୁମପରି ଭକ୍ତି, ଧନ୍ୟ ତୁମପରି ଦୃଷ୍ଟି । ଲୋକେ ମୋତେ ଧନ-ସମ୍ପତ୍ତି, ସୁଖ-ଆନନ୍ଦ, ଐଶ୍ୱର୍ଯ୍ୟ ବିଭୂତି, ସ୍ୱର୍ଗ - ବୈକୁଣ୍ଠ, ସାରୂପ୍ୟ-ସାମୀପ୍ୟାଦି କେଜାଣି କେତେ କ'ଣ ମାଗିଥାନ୍ତି । କିନ୍ତୁ ତୁମେ କେବଳ ଦୁଃଖର ବରଦାନ ମାଗୁଛ, କେବଳ ଏଥିପାଇଁ ଯେ, ମୋତେ ଯେପରି ତୁମେ କ୍ଷଣକ ପାଇଁ ବି ଭୁଲି ନ ଯାଅ । ତୁମର ଏଇ ଭୁଲିଯିବାର ଭୟକୁ, ମୋତେ ସ୍ମରଣ ନକରି ରହି ନପାରିବାର ନିଶ୍ଛଳ- ନିଷ୍କଳ ନିର୍ମଳ ପ୍ରେମ – ଭାବନାକୁ ମୁଁ ପ୍ରଣାମ କରେ ।

## ଆଜିର ଚିନ୍ତନ

ଭଗବଦ୍ ଭକ୍ତ ସର୍ବତ୍ର ବ୍ରହ୍ମ ଦର୍ଶନ କରନ୍ତି । ଭକ୍ତି ହିଁ ଭକ୍ତଙ୍କ ଚକ୍ଷୁ । ଭକ୍ତିହୀନ ମନୁଷ୍ୟ ଆଖି ଥାଉ ଥାଉ ଅନ୍ଧ । ହିରଣ୍ୟ ପଚାରୁଛି- କହ ପ୍ରହ୍ଲାଦ- ତୋ ହରି କେଉଁଠି ? ପ୍ରହ୍ଲାଦ କହୁଛନ୍ତି- ଅତ୍ର ତତ୍ର ସର୍ବତ୍ର । ମୋ ଭିତରେ, ତମ ଭିତରେ ମଧ ମୋ ହରି ବିରାଜମାନ । ସ୍ଫଟିକର ସ୍ତମ୍ଭକୁ ଦେଖାଇ ହିରଣ୍ୟ ପଚାରୁଛି – 'କ୍ୱାସୌ ଯଦି ସ ସର୍ବତ୍ର କସ୍ମାତ୍ ସ୍ତମ୍ଭେ ନ ଦୃଶ୍ୟତେ ? ଭକ୍ତ ନିର୍ଭୀକ । ପ୍ରହ୍ଲାଦଙ୍କ ଉତ୍ତର ଥିଲା- ହିଁ ଏ ସ୍ତମ୍ଭ ମଧରେ ସେ ଅଛନ୍ତି । ଆପଣଙ୍କ ଆଖି ରକ୍ତାକ୍ତ, ମନ କ୍ରୋଧ ରଞ୍ଜିତ, ଆଖିରେ ରହିଛି କାମ, ଏମାନେ ଆପଣଙ୍କୁ ଅନ୍ଧ କରି ରଖିଥିବାରୁ, ଆପଣଙ୍କୁ ହରି ଦର୍ଶନ ହେଉନାହିଁ । ହିରଣ୍ୟ ଗଦାଘାତରେ ନୃସିଂହ ପ୍ରକଟ ହୋଇଯିବାରୁ ରାକ୍ଷସ ବୁଝିଗଲା ଏଥର ମୋର କାଳ ଆସିଗଲା । ଭଗବାନ ଧରିନେଲେ ଏ ମୋର ଭକ୍ତ ପ୍ରହ୍ଲାଦଙ୍କ ପିତା । ତେଣୁ କୋଳରେ ଧରି ନଖରେ ଚିରି ଦେଲେ । ଦେବ-ଗନ୍ଧର୍ବ ଜୟ-ଜୟକାର କଲେ । ନରସିଂହ ଭଗବାନଙ୍କ ଜୟ । ବ୍ରହ୍ମା ସ୍ତୁତି କଲେ । ନୃସିଂହ ଭଗବାନଙ୍କ କ୍ରୋଧ ଶାନ୍ତ ହେଲା ନାହିଁ । ରାକ୍ଷସ ମରିଯାଇଛି । ତଥାପି ନୃସିଂହଙ୍କ କ୍ରୋଧ ଶାନ୍ତ ହେଉ ନାହିଁ । ବ୍ରହ୍ମା ପ୍ରହ୍ଲାଦଙ୍କୁ କହିଲେ– ତୋ ପାଇଁ ଭଗବାନ ପ୍ରକଟ ହୋଇଛନ୍ତି –ତୁ ହିଁ ଭଗବାନଙ୍କ କ୍ରୋଧ ଶାନ୍ତ କର । ସିଂହର ବାଳକ ସିଂହକୁ ଡ଼ରେ ନାହିଁ । ପ୍ରହ୍ଲାଦଙ୍କୁ ଭୟ ନାହିଁ । ହାତଯୋଡ଼ି ବନ୍ଦନ କଲେ । ପ୍ରହ୍ଲାଦଙ୍କୁ ଦେଖି ପ୍ରଭୁଙ୍କର ଲାଲ ଚକ୍ଷୁ ପ୍ରେମାଶ୍ରୁରେ ଆର୍ଦ୍ର ହୋଇଗଲା । ହୃଦୟ ତରଳିଗଲା । ପ୍ରଭୁ ପ୍ରହ୍ଲାଦଙ୍କୁ କୋଳରେ ଧରିଲେ । ହିରଣ୍ୟ କଶିପୁ ପାଇଁ ନୃସିଂହ ବଜ୍ରଠାରୁ ମଧ କଠୋର । ପ୍ରହ୍ଲାଦ ପାଖରେ ଲବଣୀ ଠାରୁ କୋମଳ । ମୋର ବାଳକ ଅତ୍ୟନ୍ତ କୋମଳ-ପିତା ବହୁତ ଦଣ୍ଡ ଦେଇଛି । ମୋ ପାଇଁ ଏ ବାଳକ ବହୁତ କଷ୍ଟ ସହ୍ୟ କରିଛି । ଆଜି ତୋର କୋମଳ ଶରୀରକୁ ଦେଖି ମୋତେ ଲାଗୁଛି ମୁଁ ଆସିବାରେ ବହୁତ ବିଳମ୍ବ କରିଦେଇଛି । ମୋର ବାଳକ ଅଧିକ କଷ୍ଟ ସହ୍ୟ କରିବାକୁ ପଡ଼ିଛି । ପ୍ରହ୍ଲାଦଙ୍କ ଭକ୍ତି ଏତେ ଗଭୀର ଯେ ଭଗବାନ ନୃସିଂହ କ୍ଷମା ମାଗୁଛନ୍ତି - କ୍ଷମସ୍ୱ ମେ ଅପରାଧ ଯଦି ମହାଗମନେ ବିଳମ୍ବମ୍ ।' ଭକ୍ତ ସିନା ଭଗବାନଙ୍କୁ କ୍ଷମା ମାଗେ । କିନ୍ତୁ ଭକ୍ତ ପାଖରେ ଭଗବାନ କ୍ଷମା ପ୍ରାର୍ଥୀ ହେବା ବିଶ୍ୱ ଆଧାତ୍ମିକ ଜଗତରେ ବିରଳ । ଏ କ୍ଷେତ୍ରରେ ପ୍ରଭୁ ସିଦ୍ଧ କରି ଦେଇଛନ୍ତି 'ଅହଂ ଭକ୍ତ ପରାଧୀନୋ' ଭକ୍ତ ଭଗବାନଙ୍କର ଜୀବନ । ଭକ୍ତ ଭଗବାନଙ୍କର ସ୍ୱାମୀ । ଭକ୍ତ ଭଗବାନ ଏକ ହୋଇ ଯାଇଛନ୍ତି । ଭଗବତ୍ ଭକ୍ତ ମନେ କରନ୍ତି ଭଗବାନ ସର୍ବତ୍ର ବିରାଜିତ । ଅଭକ୍ତ ଭାବନ୍ତି ଭଗବାନ କେବଳ ମନ୍ଦିରରେ-ନଡ଼ିଆ କଦଳୀ ଭୋଗ ନେଲେ ଭଗବାନ ଦୟା କରନ୍ତି । ମନେ ରଖିବା ଉଚିତ ଭଗବାନ ମନୁଷ୍ୟ ପରି ଲାଞ୍ଚୁଆ ନୁହନ୍ତି ।

ସ୍ୱୀକାର

ବର୍ଷ ୨୭, ସଂଖ୍ୟା-୩୫, ୨୮ ଅଗଷ୍ଟ - ୦୩ ସେପ୍ଟେମ୍ବର ୨୦୨୨

# ବନ୍ୟା, ମହାନଦୀ ଓ ହୀରାକୁଦ ବନ୍ଧ

ଓଡ଼ିଶା ଏକ ନଦୀବହୁଳ ରାଜ୍ୟ ହୋଇଥିବାରୁ ବନ୍ୟା ସମସ୍ୟା ତା'ର ଚିର ସହଚର । ଦିନ ଥିଲା ବନ୍ୟା ଯୋଗୁଁ ଅଣ୍ଟାସଲଖି ଠିଆହୋଇ ପାରୁ ନ ଥିଲା ରାଜ୍ୟ । ବିଶେଷକରି ବଡ଼ ନଦୀ ଭାବରେ ପରିଚିତ ମହାନଦୀ ଥିଲା ଓଡ଼ିଶାର ସବୁଠାରୁ ବଡ଼ ଦୁଃଖ । ଛତିଶଗଡ଼ର ଅମରକଣ୍ଟକ ପର୍ବତମାଳାରୁ ଝରିଆସିଥିବା ଏହି ନଦୀ ବାଟରେ ସିଓନାଥ, ଜୋଙ୍କ ଓ ହାସଦେବ ଆଦିଉପନଦୀଙ୍କୁ ସାଙ୍ଗରେ ଯୋଡି ପହଞ୍ଚିଛି ଓଡ଼ିଶାର ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ । ହୀରାକୁଦ, ସୋନପୁର, ଟିକରପଡ଼ା, ହରଭଙ୍ଗା, ବୌଦ୍ଧ ଦେଇ କଟକର ନରାଜଠାରେ ପହଞ୍ଚିବା ପୂର୍ବରୁ ତା'ର ବକ୍ଷ ଆହୁରି ବିସ୍ତାରିତ ହୋଇଛି ଇବ୍, ଅଙ୍ଗ ଓ ତେଲ ଆଦି ନଦୀର ସମାବେଶରେ । ବାଟରେ କାଠଯୋଡ଼ି, ବିରୂପା, ପାଇକା, ଲୁଣା ଆଦି ନଦୀଙ୍କୁ ଜନ୍ମ ଦେଇ ପାରାଦୀପର ହୁକିଟୋଲା ଠାରେ ମୁହାଣ ମେଲି ନିଜକୁ ଅଜାଡ଼ି ଦେଇଛି ବଙ୍ଗୋପସାଗରରେ । ଭରା ଯୌବନରେ ଗିରିଗହ୍ୱର ଓ ସମତଳ ଅଞ୍ଚଳ ଅତିକ୍ରମ କରି ସେ ଯେତେବେଳେ ଛନ ଛନ ଗତିରେ ଧାଉଁଥିଲା ସାଗର ଆଶ୍ଲେଷ ପାଇଁ ସେତେବେଳେ ତା' ଗତିର ଉଦ୍ଦାମତା ଆଗରେ ହାର ମାନିଥିଲା କଙ୍କରିତ ପଥର ବନ୍ଧୁରତା ଓ ଶିଳାରାଜିର ଅହଂକାର । ଦେଶ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଅତି ଉଦ୍ଦଣ୍ଡ ଥିଲା ରୂପ । କୂଳ ଲଘୁଥିଲା ଫି' ବର୍ଷ । ଜିଭ ଲହଲହ କରି ଚାଟି ନେଉଥିଲା କେତେ ଧନ ଜୀବନ ଓ କ୍ଷେତବାର । ଉଚ୍ଛନ୍ନ ହୋଇ ଯାଉଥିଲା ଅବବାହିକାର ହଜାର ହଜାର ଗାଁ । ତା'ର ଏହି ବିପ୍ରାତ କାରଣରୁ ଅଣ୍ଟାସଲଖି ଠିଆ ହୋଇ ପାରୁ ନ ଥିଲା ଓଡ଼ିଶା ।


୧୯୩୭ ମସିହା ପ୍ରଳୟଙ୍କରୀ ବନ୍ୟାର ତାଣ୍ଡବଲୀଳା ପରେ ଓଡ଼ିଶାକୁ ଘାରିଥିଲା କରାଳ ବନ୍ୟାରୁ ମୁକୁଳିବାର ଚିନ୍ତା । ବହୁ ବିଚାରବିମର୍ଶ ପରେ ସମ୍ବଲପୁରର ହୀରାକୁଦଠାରେ ଏକ ବହୁମୁଖୀ ନଦୀବନ୍ଧ ଯୋଜନା ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ ପ୍ରଖ୍ୟାତ ଇଞ୍ଜିନିୟର ସାର୍ ବିଶ୍ୱେଶ୍ୱରାୟା । ଏହି ପ୍ରସ୍ତାବର ଯଥାର୍ଥତା ଅନୁଭବ କରି ୧୯୪୫ ମସିହାରେ ଏ ସମ୍ପର୍କରେ ସରକାରଙ୍କୁ ସୁପାରିସ କଲେ ତତ୍କାଳୀନ ବିଦ୍ୟୁତ୍ ଶକ୍ତି ଓ ଜଳସମ୍ପଦ କମିଶନର ଅଧକ୍ଷ ତଥା ବିଖ୍ୟାତ ଇଞ୍ଜିନିୟର ଅଯୋଧ୍ୟା ନାଥ ଖୋସାଲା । ଏହି ସୁପାରିସ ଭିତ୍ତିରେ ଗଠନ ହେଲା ସେଣ୍ଟ୍ରାଲ ୱାଟର ୱେଜ୍ ଇରିଗେଶନ ଓ ନାଭିଗେଶନ କମିଶନ । ୧୯୪୭ ମାର୍ଚ୍ଚ ୧୫ ତାରିଖରେ ହୀରାକୁଦ ଜଳ ଭଣ୍ଡାର ନିର୍ମାଣ ଲାଗି ଭିତ୍ତି ସ୍ଥାପନ କଲେ ତତ୍କାଳୀନ ରାଜ୍ୟପାଳ ହାଥ ଥ୍ରୋନ ଲୁଏସ ।

ଓଡ଼ିଶାରେ କୃଷିର ଉନ୍ନତିକୁ ତ୍ୱରାନ୍ୱିତ କରିବା ପାଇଁ ସେ ସମ୍ବଲପୁର ଆସି ଆଉଥରେ ହୀରାକୁଦ ବନ୍ଧର ଶୁଭଦେଲେ ୧୯୪୮ମସିହା ଏପ୍ରିଲ ୧୨ ତାରିଖରେ । ଇଞ୍ଜିନିୟରମାନଙ୍କ ପାରଦର୍ଶିତା, ପ୍ରଧାନମନ୍ତ୍ରୀଙ୍କ ଆନ୍ତରିକତା ହରେକୃଷ୍ଣ ମହତାବଙ୍କ ସାମ, ଦାନ, ଦଣ୍ଡ ଓ ଭେଦନୀତି ଯୋଗୁଁ ଯଥା ସମୟରେ ସମ୍ପୂର୍ଣ୍ଣ ହେଲା ଭାରତର ଅନ୍ୟତମ ବୃହତ୍ ଜଳଭଣ୍ଡାରର ନିର୍ମାଣ କାର୍ଯ୍ୟ । ଶହେ କୋଟି ଦୁଇ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ଜଳଭଣ୍ଡାରକୁ ୧୯୫୭ ମସିହା ଜାନୁୟାରୀ ୧୩ତାରିଖରେ ଲୋକାର୍ପିତ କରି ପ୍ରଧାନମନ୍ତ୍ରୀ ପଣ୍ଡିତ ନେହେରୁ କହିଲେ, ଏହି ବହୁମୁଖୀ ନଦୀବନ୍ଧ ଯୋଜନା ହେବ ଦେଶ ପ୍ରଗତିର ମାଇଲଖୁଣ୍ଟ । ସେବେଠାରୁ ହୀରାକୁଦ ନଦୀବନ୍ଧ ଯୋଜନା ସହାୟତାରେ ରାଜ୍ୟରେ ବନ୍ୟା ନିୟନ୍ତ୍ରଣ ସାଙ୍ଗକୁ ଜଳସେଚିତ ହେଲା ମହାନଦୀ ଅବବାହିକାରେ ଥିବା ୬୫,୭୨୮ ବର୍ଗ କିମି ପରିମିତ ଚାଷଜମି । ବୁର୍ଲା ଓ ଚିପିଲିମାରେ ଉତ୍ପାଦିତ ହେଲା ୩୪୭ ମେଗାୱାଟ୍ ବିଜୁଳି ଶକ୍ତି । ବଦଳିଗଲା ଓଡ଼ିଶାର ଅର୍ଥନୈତିକ ଚିତ୍ର । ଯେଉଁ ନଦୀକୁ ଦିନେ କୁହାଯାଉଥିଲା ଓଡ଼ିଶାର ଦୁଃଖ, ସେହି ନଦୀ ପାଲଟିଗଲା ୧୫ଟି ଜିଲ୍ଲାର ଅଧିବାସୀଙ୍କ ପାଇଁ ଜୀବନ ଜୀବିକାର ଆଧାର । ଓଡ଼ିଶାର ଜୀବନରେଖା ।

କୌଣସି ଅଞ୍ଚଳର ଶ୍ରୀ ଓ ସମୃଦ୍ଧିରେ ସହାୟକ ହୁଏ ନଦୀ । ଯେମିତି ମହାନଦୀ ଓଡ଼ିଶାର ଅର୍ଥନୀତିକୁ ସମୃଦ୍ଧ କରିବା ସହିତ ବିଭିନ୍ନ ସ୍ଥାନରେ ପ୍ରକାଶ ପାଇଛି ତା'ର ସୌନ୍ଦର୍ଯ୍ୟମୟୀ ରୂପ । ମହାନଦୀ ସବୁଠାରୁ ସୌନ୍ଦର୍ଯ୍ୟମୟୀ ହୋଇ ଉଠିଛି ସୁବର୍ଣ୍ଣପୁର ସହର ପାଦଦେଶରେ । ସେଠାରେ ତା'ର ସୌନ୍ଦର୍ଯ୍ୟରେ ଅଭିଭୂତ ହୋଇ କୋଶଳାନନ୍ଦ କାବ୍ୟରେ ତାକୁ ଦ୍ୱିତୀୟ ବାରାଣସୀ ବୋଲି କହିଛନ୍ତି ପଣ୍ଡିତ ଗଙ୍ଗାଧର ମିଶ୍ର । ବିନିକାରୁ ସୁବର୍ଣ୍ଣପୁର ଦେଇ ବୌଦ୍ଧ ପର୍ଯ୍ୟନ୍ତ ଶୋଭାମୟୀ ମହାନଦୀକୁ କୁହାଯାଏ ଚିତ୍ରୋତ୍ପଳା । ସତରେ ଚିତ୍ରୋତ୍ପଳାକୁ ଯିଏ ଦେଖିନାହିଁ, ସେ ଆକଳନ କରିପାରିବନି ମହାନଦୀର ସୁଷମା । ମହାନଦୀର ପ୍ରାକୃତିକ ସୁଷମା ନିମନ୍ତେ ୧୯୭୪ ମସିହାରୁ ଐତିହାସିକ ସୁବର୍ଣ୍ଣପୁର ସହରକୁ ମିଳିଛି ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ।

ରୂପରୁ ଭାବ ଓ ଭାବରୁ ଜାତ ସଙ୍ଗୀତ । ମହାନଦୀକୁ ନେଇ ସମ୍ଭବ ହୋଇଛି ସେହି ଭାବଚିତ୍ରର ତ୍ରିବେଣୀ ସଙ୍ଗମ । ଅପରୂପା ମହାନଦୀକୁ ଦେଖି ଚଳଚଞ୍ଚଳ ହୋଇ ଉଠିଛି ଭାବମୁଗ୍ଧ କବିର କଲମ । ତା'ର ଅଫୁରନ୍ତ ସୌନ୍ଦର୍ଯ୍ୟରେ ବିହ୍ୱଳ ହୋଇ କବି କେତେବେଳେ ତା' ଗର୍ଭରେ ଜ୍ୟୋତ୍ସ୍ନା ବିହାର କରିଛି ତ ଆଉ କେତେବେଳେ ରୋମାଞ୍ଚିତ ହୋଇ ତା' ଗର୍ଭରେ ଭସାଇ ଦେଇଛି କାଗଜ ଡଙ୍ଗା । ତା'ର ବହୁଭିନ୍ନ ରୂପକୁ ଦୃଷ୍ଟିରେ ରଖି କିଏ ତାକୁ ଓଡ଼ିଶାର ଗଙ୍ଗା କହେ ତ କିଏ କହେ ଗଳାରମାଳା ଚିତ୍ରୋତ୍ପଳା । ତାଜମହଲ ହେଉ କି କୋଣାର୍କ, ମଣିଷ ଯେତେ ସବୁ ଆଶ୍ଚର୍ଯ୍ୟଜନକ କୀର୍ତ୍ତି ସ୍ଥାପନ କରିଛି ତାହା ପ୍ରାୟତଃ ଅଧିକାଂଶ ନଦୀ କୂଳରେ । ମହାନଦୀ କୂଳେ କୂଳେ ଗଢ଼ି ଉଠିଛି ଭଦ୍ରାମ୍ବିକା, ସୁବର୍ଣ୍ଣମେରୁ ସମଲେଶ୍ୱରୀ, ସିଦ୍ଧେଶ୍ୱର, ସିଦ୍ଧେଶ୍ୱରୀ, ନୀଳମାଧବ, ଚର୍ଚ୍ଚିକା, ରାମନାଥ, ନୃସିଂହନାଥ, ଚମ୍ପେଶ୍ୱର, ଭଟ୍ଟାରିକା, ଚଣ୍ଡୀ, ଧବଳେଶ୍ୱର ଓ ମା' ଗଡ଼ଚଣ୍ଡୀଙ୍କ ପ୍ରାଚୀନ ପୀଠ । କେବଳ ଆର୍ଥନୀତିକ ଦୃଷ୍ଟିରୁ ନୁହେଁ, ସାମାଜିକ ଓ ସାଂସ୍କୃତିକ କ୍ଷେତ୍ରରେ ମଧ ଓଡ଼ିଶା ସହ ମହାନଦୀର ସମ୍ପର୍କ ଅଭିନ୍ନ ଓ ଅତୁଟ । ମାତ୍ର ଆମର ଅପରିଣାମଦର୍ଶିତା ଯୋଗୁ ଶ୍ରୀହୀନ ହେଲାଣି ପୁଣ୍ୟତୋୟା ମହାନଦୀ । ଆମର ପ୍ରାଚୀନ ଜ୍ଞାନ ଓ ଆଧୁନିକ ବିଜ୍ଞାନ ନଦୀକୁ ସଭ୍ୟତାର ଜନ୍ମଦାତ୍ରୀ ବୋଲି କହିବା ସତ୍ତ୍ୱେ ଦେଶର ପ୍ରାୟ ସବୁ ନଦୀ ଏବେ ବିପଦଗ୍ରସ୍ତ । ଧମନୀରେ ଶୁଦ୍ଧ ରକ୍ତ ପ୍ରବାହିତ ହେଲା ଭଳି ନଦୀଗୁଡ଼ିକରେ ସ୍ୱଚ୍ଛ ଜଳ ପ୍ରବାହିତ ହେବା ଦରକାର । ମାତ୍ର ମହାନଦୀର ଜଳ ଏବେ ଭୟଙ୍କର ଭାବେ ପ୍ରଦୂଷିତ ।

ହୀରାକୁଦ ଜଳଭଣ୍ଡାରରେ ପଡ଼ିବା ପୂର୍ବରୁ ମହାନଦୀକୁ ଏବେ ଅତିକ୍ରମ କରିବାକୁ ପଡୁଛି ଅନେକଗୁଡ଼ିଏ ବନ୍ଧ, ଚେକ୍‌ଡ୍ୟାମ ଓ ବ୍ୟାରେଜ । ଛତିଶଗଡ଼ରେ କାର୍ଯ୍ୟକ୍ଷମ ଏସବୁପ୍ରକଳ୍ପ ଯୋଗୁ କ୍ରମାଗତ କମୁଛି ହୀରାକୁଦ ଜଳଭଣ୍ଡାରକୁ ପ୍ରବେଶ କରୁଥିବା ଜଳର ପରିମାଣ । ମହାନଦୀ ଆଉ ଆଗଭଳି ଚିରସ୍ରୋତା ହୋଇ ନାହିଁ । କେବଳ ବର୍ଷା ଋତୁକୁ ଛାଡ଼ିଦେଲେ ଅନ୍ୟ ସମୟରେ ତା'ର ଖଣ୍ଡବିଖଣ୍ଡିତ ଜଳଧାରାକୁ ବଳିଯାଉଛି ପୋତି ହୋଇ ପଡ଼ିଥିବା ବାଲିପଠାର ବିସ୍ତୃତି । ଧୀରେ ଧୀରେ ମଲା ନଈରେ ପରିଣତ ହେବାକୁ ବସିଲାଣି ମହାନଦୀ । ଅନ୍ୟପକ୍ଷରେ ବର୍ଷାଦିନେ ଛତିଶଗଡ଼ ଅତ୍ୟଧିକ ଜଳ ନିଷ୍କାସନ କରିବା ଫଳରେ ମହାନଦୀ ଅବବାହିକାରେ ସୃଷ୍ଟି ହେଉଛି ବନ୍ୟା ବିପ୍ରାତ ।



# ଦ୍ୱିତୀୟ ବିଶ୍ୱଯୁଦ୍ଧ


## ମହାତ୍ମା ଗାନ୍ଧୀ

ପୁରାଣକଥାର ମହାଭାରତ ଯୁଦ୍ଧରେ ଯାହା ଘଟିଥିଲା, ଏହି ବିରାଟକାୟ ଯୁଦ୍ଧର ଶେଷରେ ମଧ ସେହି କଥା ଘଟିବ ବୋଲି ମୋର ବ୍ୟକ୍ତିଗତ ଭାବରେ ମନେ ହେଉଛି । ଜଣେ ତ୍ରିବାଙ୍କୁଡ଼ବାସୀ ମହାଭାରତକୁ ଯଥାର୍ଥଭାବରେ ମନୁଷ୍ୟର ସ୍ଥାୟୀ ଇତିହାସ ବୋଲି ବର୍ଣ୍ଣନା କରିଛନ୍ତି । ସେହି ମହାକାବ୍ୟରେ ଯାହା ବର୍ଣ୍ଣିତ ହୋଇଛି, ଆଜି ଆମ ଆଖି ଆଗରେ ତାହା ହିଁ ଘଟିବାରେ ଲାଗିଛି । ଯୁଦ୍ଧରତ ଦେଶଗୁଡ଼ିକ ଏତେ ଅଧିକ ପ୍ରକୋପ ଓ ଭୟଙ୍କରତା ସହିତ ପରସ୍ପରକୁ ଧ୍ୱଂସ କରିବାରେ ଲାଗିଛନ୍ତି ଯେ, ପରିଣାମରେ ସେମାନେ ଉଭୟ ପକ୍ଷ କ୍ଲାନ୍ତ ହୋଇ ପଡ଼ିବେ । ମହାଭାରତ ଯୁଦ୍ଧ ଶେଷରେ ଅବଶେଷ ରହି ଯାଇଥିବା ପାଣ୍ଡବମାନଙ୍କୁ ଯେଉଁ ଦଶା ଅପେକ୍ଷା କରିଥିଲା, ଏହି ବିଶ୍ୱଯୁଦ୍ଧର ବିଜେତାକୁ ମଧ ସେହି ଦଶା ଭୋଗିବାକୁ ପଡ଼ିବ । ଜଣେ ଅନାମଧେୟ ଦସ୍ୟୁ ସ୍ପଷ୍ଟ ଦିବାଲୋକରେ ମହାବଳୀ ଯୋଦ୍ଧା ଅର୍ଜୁନଙ୍କୁ ଲୁଟି ନେଇଥିଲା । ଏହି ବିଧ୍ୱଂସ ମଧରୁ ଅବଶ୍ୟ ଏକ ନୂତନ ବିଶ୍ୱବ୍ୟବସ୍ଥା ଜନ୍ମଲାଭ କରିବ, ଯାହାଲାଗି ଶୋଷିତ କୋଟି କୋଟି ମେହନତୀ ମଣିଷ ଏତେଦିନଯାଏ ତୃଷିତ ହୋଇ ରହିଛନ୍ତି । ଶାନ୍ତିପ୍ରେମୀମାନଙ୍କର ପ୍ରାର୍ଥନା କଦାପି ବ୍ୟର୍ଥ ଯିବନାହିଁ । ଖାସ୍ ସତ୍ୟାଗ୍ରହକୁ ମଧ ଗୋଟିଏ ବ୍ୟଥିତ ଆତ୍ମାର ଏକ ସୁନିଶ୍ଚିତ ମୂକ ପ୍ରାର୍ଥନା ବୋଲି କୁହାଯାଇ ପାରିବ ।

କେତେକ ଲୋକ ଯୁକ୍ତି କରି କହନ୍ତି ଯେ, ଘୃଣାକୁ କଦାପି ଭଲ ପାଇବାରେ ପରିଣତ କରାଯାଇ ପାରିବ ନାହିଁ । ଯେଉଁମାନେ ହିଂସାରେ ବିଶ୍ୱାସ କରନ୍ତି, ସେମାନେ ସ୍ୱଭାବତଃ ଏପରି ମତ ଦେବେ ଓ କହିବେ 'ତୁମେ ଯେଉଁଠାରେ ପାରିବ, ଗୋପନରେ ହେଉ ଅଥବା ପ୍ରକାଶ୍ୟରେ ହେଉ, ଯେପରି ଯେଉଁଠି ଆବଶ୍ୟକ ହେବ, ଶତ୍ରୁକୁ ହତ୍ୟା କର, ତା'ର ଶରୀରକୁ ଆହତ କର ଓ ତା'ର ସମ୍ପତ୍ତିକୁ ମଧ ନଷ୍ଟ କରିଦିଅ ।' ଏହାର ପରିଣାମରେ କେବଳ ଅଧିକ ଗଭୀର ଘୃଣା ଜନ୍ମ ନେବ, ପ୍ରତିଘୃଣା କୁହୁଳିଉଠିବ ଏବଂ ଉଭୟ ପକ୍ଷରେ ପ୍ରତିଶୋଧ ଗର୍ଜନ କରିଉଠିବ । ଏବେ ଯେଉଁ ଯୁଦ୍ଧ ଲାଗିଥିଲା, ଯେଉଁଥିରେ ଭାଗ ନେଇଥିବା ବ୍ୟକ୍ତିମାନେ ବର୍ତ୍ତମାନ ମଧ ପୃଥିବୀରୁ କ୍ୱଚିତ୍ ବିଦାୟ ନେଇ ଯାଇଥିବେ, ସେହି ଯୁଦ୍ଧ ଏଡ଼େ ବଡ଼ ପାଟିରେ, ଏହି ଘୃଣାର ପ୍ରୟୋଗ ପଛରେ ରହିଥିବା ନିରାଟ ଅସମର୍ଥତାକୁ ଘୋଷଣା କରୁଛି । ଯୁଦ୍ଧର ତଥାକଥିତ ବିଜୟୀମାନେ ପ୍ରକୃତରେ ଜୟଲାଭ କରିଛନ୍ତି ଅଥବା ଆପଣାର ଶତ୍ରୁମାନଙ୍କୁ ପରାହତ କରିବାକୁ ଚେଷ୍ଟାକରି ସେମାନେ ଆପଣାକୁ ହିଁ ପରାହତ କରି ପକାଇଛନ୍ତି, ସେହି କଥାଟି ଦେଖିବାକୁ ଅପେକ୍ଷା ରହିଛି ।

# ପ୍ଲାଷ୍ଟିକ୍ ବୋତଲରେ ପାଣି ପିଉଥିଲେ...

ପାଣି ପିଇବା ଲାଗି ସାଧାରଣତଃ ଆମେ ପ୍ଲାଷ୍ଟିକ୍ ବୋତଲ ବ୍ୟବହାର କରିଥାଉ । ବିଶେଷକରି ବାହାରକୁ ଯିବା ବେଳେ ନେବାକୁ ସୁବିଧା ହେଉଥିବାରୁ ଏହାର ଚାହିଦା ସର୍ବାଧିକ ହେଲେ ଆପଣ ଜାଣନ୍ତିକି, ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର ନୁହେଁ..



ପ୍ଲାଷ୍ଟିକରେ ରହିଛି ଫ୍ଲୋରାଇଡ୍, ଆର୍ସେନିକ ଏବଂ ଆଲୁମିନିୟମ ଭଳି ଅନେକ ହାନିକାରକ ଉପାଦାନ । ତେଣୁ ଏହି ବୋତଲରେ ଅଧିକ ସମୟ ପାଣି ରଖିବା ଦ୍ୱାରା ଏସବୁ ଉପାଦାନ ନିର୍ଗତ ହୋଇ ସେଥିରେ ମିଶିଥାଏ । ଏହି ପାଣି ପିଇବା ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ । ବାରମ୍ବାର ପ୍ଲାଷ୍ଟିକ୍ ବୋତଲରେ ପାଣି ପିଇବା ଦ୍ୱାରା ଏହିସବୁ ହାନିକାରକ ରାସାୟନିକ ପଦାର୍ଥ ମଣିଷର ରୋଗ ପ୍ରତିରୋଧକ ଶକ୍ତିକୁ ହ୍ରାସ କରିଥାଏ । ଫଳରେ ଏହା ଅନେକ ରୋଗର କାରଣ ହୋଇଥାଏ । ବିଶେଷକରି ଏଥିରେ ଥିବା ଥାଲେଟ୍ସ ନାମକ କେମିକାଲ ଲିଭର କ୍ୟାନ୍ସରର କାରଣ ସାଜିଥାଏ । କେବଳ ଏତିକି ନୁହେଁ, ଏହା ଦ୍ୱାରା ମୃତ୍ୟୁ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ । କେବଳ ଏତିକି ନୁହେଁ, ପ୍ଲାଷ୍ଟିକ୍ ବୋତଲରେ ପାଣି ରଖି ପିଇବା ଦ୍ୱାରା ଶରୀରକୁ ବାଇଫେନିଲ୍ -ଏ ନାମକ ଏକ ମାରାତ୍ମକ ଏଷ୍ଟ୍ରୋଜେନ୍ ମିମିକିଙ୍ଗ୍ କେମିକାଲ୍ ଯାଇଥାଏ । ଏହା ମେଦବହୁଳତା, ଡାଇବେଟିସ୍, ପ୍ରଜନନ ସମସ୍ୟା ଭଳି ଅନେକ ରୋଗର କାରଣ ସାଜିଥାଏ । ପ୍ଲାଷ୍ଟିକ୍ ବୋତଲରେ ପାଣି ଅଧିକ ସମୟ ରହିବା ଏବଂ ତାହା ସୂର୍ଯ୍ୟକିରଣ ସଂସ୍ପର୍ଶରେ ଆସିବା ଦ୍ୱାରା ସେଥିରୁ ଡାଇଅକ୍ସିନ୍ ନାମକ ଏକ ବିଷାକ୍ତ ପଦାର୍ଥ ନିର୍ଗତ ହୋଇଥାଏ । ଗାଡ଼ିରେ ପାଣିବୋତଲ ଅଧିକ ସମୟ ରଖିବା ଅବା ଗାଡ଼ି ଷ୍ଟାର୍ଟ ରଖି ବାହାରକୁ ଯିବା ଦ୍ୱାରା ମଧ ପାଣି ଗରମ ହେବା ସହ ଧୀରେ ଧୀରେ ପ୍ଲାଷ୍ଟିକ୍ ତରଳି ଏହି ଉପାଦାନ ନିର୍ଗତ ହୋଇ ପାଣିରେ ମିଶିଥାଏ, ଯାହା କି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ । ତେଣୁ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ପ୍ଲାଷ୍ଟିକ୍ ବୋତଲରେ ପାଣି ନ ପିଇବା ଭଲ ।

# ସର୍ବେଦ

**ମନ ସୁରତି ଏକ ସାଥ ହେଁ, ତବ ତକ ମାୟା ଜାନ ।**
**ଜବ ମନ ସୁରତି ଅସଙ୍ଗ ହେଁ, ନହିଁ ମାୟା ତତ୍ତ୍ୱ ଜ୍ଞାନ ॥୩୪॥**

ଭାଷ୍ୟ - ଯେତେବେଳ ପର୍ଯ୍ୟନ୍ତ ମନ ଏବଂ ସୁରତି ଏକାଠି ଥିବେ, ସେତେବେଳେ ପର୍ଯ୍ୟନ୍ତ ମାୟା ରହିବ ଆଉ ଯେତେବେଳେ ମନ ଆଉ ସୁରତି ଅଲଗା ହୋଇଯିବେ, ଅର୍ଥାତ୍ ସୁରତି ସହିତ ମନର ସମ୍ବନ୍ଧ ଛାଡ଼ିଯିବ, ସେତେବେଳେ ଆଉ ମାୟା ରହିବ ନାହିଁ । ଏହା ଅନୁଭବ ତତ୍ତ୍ୱ ବୋଧ ଅଟେ, ଯାହା ସାଧନା ଦ୍ୱାରା ପ୍ରାପ୍ତ ହୋଇଥାଏ ।

**ଶବ୍ଦ ମେଁ, ସୁରତି ପ୍ରୱେଶ ହେଁ, ନହିଁ ମାୟା ଦୁଖ ଦ୍ୱନ୍ଦ୍ୱ ।**
**ପ୍ରେମ ନହାଁ କିସି ୱସ୍ତୁ ମେଁ, ଈଶ ପ୍ରେମ ନିରଦ୍ୱନ୍ଦ୍ୱ ॥୩୫॥**

ଭାଷ୍ୟ - ଯେତେବେଳେ ଶବ୍ଦରେ ସୁରତି ପ୍ରବେଶ କରେ, ସେତେବେଳେ ତ୍ରିତାପ ଏବଂ ତ୍ରିଗୁଣ ଏବଂ ତ୍ରିଗୁଣର ଦ୍ୱନ୍ଦ୍ୱ ଆଉ ମାୟା ଛାଡ଼ିଯାଏ ଏବଂ ସଂସାରର କୌଣସି ପଦାର୍ଥ ପ୍ରତି ପ୍ରେମ ରହେନାହିଁ, ବରଂ ପରମ ପ୍ରଭୁଙ୍କ ଠାରେ ଦ୍ୱନ୍ଦ୍ୱରହିତ ବିଶୁଦ୍ଧ ପ୍ରେମ ଭକ୍ତିର ଧାରା ପ୍ରବାହିତ ହେବାରେ ଲାଗେ ।

**ୱିଷୟ ଭୋଗ ଜେହି ମନ ନହାଁ, ସହଜ ସୁରତି ସ୍ୱର ତାର ।**
**ପୁରୁଷ ଜଗତ ଆଦର୍ଶ ହେଁ, ପହୁଁଚେ ପ୍ରଭୁ ଦରୱାର ॥୩୬॥**


ଭାଷ୍ୟ - ଯାହାର ମନରେ ବିଷୟ ଭୋଗର ଇଚ୍ଛା ନାହିଁ, ସେ ବୀତରାଗୀ ଅଟନ୍ତି । ତାଙ୍କର ସ୍ୱାଭାବିକ ସୁରତି ଏକତାର ଶବ୍ଦରେ ଲାଗି ରହିଥାଏ । ସେମିତି ପୁରୁଷ ସଂସାରରେ ଆଦର୍ଶ ଅଟନ୍ତି । ସେ ହିଁ ପ୍ରଭୁଙ୍କର ଦରବାରକୁ ପହଞ୍ଚ ପାରନ୍ତି ।

**ଭରମ ଜନ୍ୟ ସଂସାର ହେଁ, ଝୁଠା ମୋହ ସମ୍ବନ୍ଧ ।**
**ସନ୍ତ ୱିୱେକୀ ଅଲଗ ହେଁ, ଦୁଖ ଜୀୱନ ଜଗ ଅନ୍ଧ ॥୩୭॥**

ଭାଷ୍ୟ - ସଂସାରର ସମସ୍ତ ଅଜ୍ଞାନତାରୁ ଜାତ ମୋହ ସମ୍ବନ୍ଧ ସବୁ ମିଛ ଅଟେ ଏବଂ ସଂସାରର ଅନ୍ଧକାରମୟ ଜୀବନ ଦୁଃଖମୟ ଅଟେ । ସେଥିପାଇଁ ବିବେକୀ ସନ୍ଥ ଏସବୁକୁ ତ୍ୟାଗକରି ପ୍ରଭୁଙ୍କର ଭଜନ କରିଥାନ୍ତି ।

**ନିଃସଂଶୟ ନିଷ୍କାମ ଜନ, ନିଷ୍ପୃହୀ ନିରମୋହ ।**
**ନୀର୍ଦ୍ୱନ୍ଦ୍ୱ ନିର୍ୱିଷୟ ହୋ, ପ୍ରଭୁ ସୁମିରନ ରତ ଓହ ॥୩୮॥**

ଭାଷ୍ୟ - ସମସ୍ତ ସଂଶୟ, କାମନା, ବାସନା, ମୋହ, ଦ୍ୱନ୍ଦ୍ୱ ଏବଂ ବିଷୟରୁ ଶୂନ୍ୟ ହୋଇ ବିବେକୀ ପୁରୁଷ ପ୍ରଭୁଙ୍କ ସ୍ମରଣ, ମନନ, ଚିନ୍ତନ ଏବଂ ଭଜନରେ ସଦା ରତ ରହିଥାନ୍ତି । ପ୍ରକୃତି ବାସନାରହିତ ପୁରୁଷ ହିଁ ପ୍ରଭୁଙ୍କୁ ଭକ୍ତି କରିଥାନ୍ତି ।



**ତୁମ ୱହୀ ମେଁ ଭୀ ୱହୀ, ୱିଚ କ୍ୟୋଁ ପଡ଼ା ପହାଡ଼ ।**
**ଆୟା ଥା କହଁୱା ଗୟା, ଅବ କଛୁ ରହା ନ ଆଡ଼ ॥୩୯॥**

ଭାଷ୍ୟ - ମୁଁ ଆଉ ତୁମେ - ଦୁହେଁ ଚେତନ, ସ୍ୱଜାତୀୟ ବସ୍ତୁ । ତେବେ ଆମ ମଝିରେ ପାହାଡ଼ କାହିଁକି ଛିଡ଼ା ହେଲା ? ଯିଏ ଆସିଥିଲା, ସେ କୁଆଡ଼େ ଗଲା ? ଏବେ ମୋର ଆଉ ତୁମ ଭିତରେ କୌଣସି ଆବରଣ ନାହିଁ । ଜୀବ ଆଉ ବ୍ରହ୍ମର ବିଚ୍ଛେଦ ଅଜ୍ଞାନତା କାରଣରୁ ହୋଇଥିଲା, ପରନ୍ତୁ ଯୋଗ ବିଜ୍ଞାନ ଦ୍ୱାରା ଯେତେବେଳେ ଅଜ୍ଞାନଯୁକ୍ତ ପ୍ରକୃତିର ସମ୍ବନ୍ଧ ଛାଡ଼ିଯାଏ ସେତେବେଳେ ଆତ୍ମା ଜଡ଼ ଜଗତ ଏବଂ ସୂକ୍ଷ୍ମ ମାୟାରୁ ପୃଥକ୍ ହୋଇ ଶୁଦ୍ଧ ସ୍ୱରୂପରେ ମହାପ୍ରଭୁଙ୍କର ଭକ୍ତି କରିଥାଏ । ପ୍ରକୃତିର ଆବରଣରୁ ଜୀବ ବ୍ରହ୍ମର ସମ୍ବନ୍ଧ ଅଲଗା ପ୍ରତୀତ ହୋଇଥାଏ । ବାସ୍ତବରେ ଜୀବ-ବ୍ରହ୍ମର ନିତ୍ୟ ସମ୍ବନ୍ଧ ରହିଛି ।

**ପର୍ଣ ଛୁଟ କର ପେଡ଼ ସେ, ପୁନଃ ନ ଲାଗେ ପେଡ଼ ।**
**ୱିଲଗ ହୋୟ ମେଁ ଆପ ସେ, ଫିର ଲାଗେଉଁ ତତ୍ତ୍ୱ ମେଡ଼ ॥୪୦॥**

ଭାଷ୍ୟ - ବୃକ୍ଷରୁ ପତ୍ର ଥରେ ବୃନ୍ତଚ୍ୟୁତ ହେଲେ ପୁନରାୟ ବୃକ୍ଷର ଡାଳରେ ଲାଗିପାରେ ନାହିଁ, କିନ୍ତୁ ମୁଁ ଆପଣଙ୍କ ଠାରୁ ଅଲଗା ହୋଇ ମଧ୍ୟ ପୁଣି ଆପଣଙ୍କ ଜ୍ଞାନ ସିଦ୍ଧାନ୍ତ ରୂପୀ ବନ୍ଧନରେ ଲାଗିଛି, ଅର୍ଥାତ୍ ଆପଣଙ୍କର ଶରଣରେ ସ୍ଥିତ ଅଛି ।

**ହେ ପ୍ରଭୁ ଅବ ତକ ତୁମ କହାଁ, କହାଁ ଗୟେ ଥେ କ୍ୟୋଁ ଗୟେ ।**
**ଅହହ ଆଜ କୈସେ ମିଲେଁ, କ୍ୟୋଁ ଆୟେ କ୍ୟୋଁ ପ୍ରକଟ ଭୟେ ॥୪୧॥**

ଭାଷ୍ୟ- ହେ ପ୍ରଭୁ ! ଏ ପର୍ଯ୍ୟନ୍ତ କୁଆଡ଼େ ଆଉ କାହିଁକି ଯାଇଥିଲେ ? ଓଃ ! ଆଜି କେମିତି ମିଳିଗଲେ ? କାହିଁକି ଆସିଲେ ଆଉ କେମିତି ପ୍ରକଟ ହୋଇଗଲେ ? ବହୁତ ଦିନର ବିୟୋଗ ପରେ ଯେତେ ବେଳେ ଇଷ୍ଟ ପରମାରାଧ୍ୟଙ୍କର ପ୍ରାପ୍ତି ହେଲା, ସେତେବେଳେ ଆଶ୍ଚର୍ଯ୍ୟଚକିତ ହୋଇ ଆଧ୍ୟାତ୍ମ ପଥିକ ନିଜ ହୃଦୟର ପ୍ରେମ ଭାବକୁ ପ୍ରକଟ କରୁଛନ୍ତି ।

**ସମୟ ଅଲ୍ପ ଦୂର ପନ୍ଥ ହେଁ, ପଥ ଅଁଧିୟାରା ହୋୟ ।**
**ମେଁ ବାଲକ ବଲହୀନ ହୁଁ, କେହି ୱିଧି ପହୁଁଚବ ସୋୟ ॥୪୨॥**

ଭାଷ୍ୟ - ସମୟ ଅଳ୍ପ ଅଛି । ପଥ ଦୂର ଅଛି, ତା ଉପରେ ମାର୍ଗ ଅନ୍ଧକାରାଚ୍ଛନ୍ନ ଆଉ ମୁଁ ବଳହୀନ ବାଳକ । ମୁଁ ନିଜ ସନ୍ତବ୍ୟ ସ୍ଥଳକୁ ପହଞ୍ଚିବି କେମିତି ? ଦୀନ ହୀନ ଭକ୍ତ ନିରାଶ୍ରୀତ ହୋଇ ପ୍ରଭୁଙ୍କ ପାଖରେ ପହଞ୍ଚିବାର ଚିନ୍ତା ପ୍ରକଟ କରୁଛି । ଭକ୍ତବତ୍ସଳ ପ୍ରଭୁ ଭକ୍ତର ଆକାଂକ୍ଷାକୁ ଅବଶ୍ୟ ପୂର୍ଣ୍ଣ କରିଥାନ୍ତି ।

**ଗୋ ଜ୍ଞାନ ତୁମ ମେଁ ଲଗୀ, ତତ୍ତ୍ୱ ତଜି ୱିଷୟ ନ କୋୟ ।**
**ମନନ ୱିୱେଚନ ଆପକା, ଅନ୍ତର ଅନୁଗମ ସୋୟ ॥୪୩॥**

ଭାଷ୍ୟ - ହେ ପ୍ରଭୁ । ଇନ୍ଦ୍ରିୟମାନଙ୍କର ଜ୍ଞାନ ତୁମ ଠାରେ ଲାଗିଛି । ତୁମକୁ ଛାଡ଼ି ଅନ୍ୟ କୌଣସି ବିଷୟ ନାହିଁ । ମନ ଏବଂ ବୁଦ୍ଧି ଅନ୍ତର୍ଗମନ କରି ଆପଣଙ୍କ କଥା ମନନ ଏବଂ ଚିନ୍ତନ କରୁଛି । ଯେତେବେଳେ ପ୍ରକୃତିର ସମସ୍ତ ଶକ୍ତି ଆତ୍ମା ସହିତ ଅନୁକୂଳ ରହିଥାଏ, ସେତେବେଳେ ଜୀବନର ସମସ୍ତ ଉଦ୍ଦେଶ୍ୟ ସଫଳ ହୁଏ ଏବଂ ପରମାନନ୍ଦଙ୍କ ପ୍ରାପ୍ତି ହୋଇଥାଏ ।

**ପର ଘର ଆୟେ ପାହୁନେ, ଔର ୱିଦେଶୀ ୟାର ।**
**ଚିତ୍ତ ସଦା ଉଠା ରହେ, ସନ୍ତ ଦଶା ସଂସାର ॥୪୪॥**

ଭାଷ୍ୟ - ଅନ୍ୟ ଘରକୁ ଯାଇଥିବା ଜ୍ଞାତି କୁଟୁମ୍ବଙ୍କ ନିଜ ଘରର ଚିନ୍ତା ରହିଥାଏ ଏବଂ ବିଦେଶୀ ମିତ୍ର ସହିତ ମିଶିବା ପାଇଁ ଇଚ୍ଛା ସ୍ୱଦେଶୀ ମିତ୍ରକୁ ହୋଇଥାଏ । ଉଭୟଙ୍କର ଚିତ୍ତ ସର୍ବଦା ନିଜ ଘର ଆଉ ମିତ୍ର ସହିତ ମିଶିବା ପାଇଁ ବ୍ୟଗ୍ର ରହିଥାଏ । ସେହି ପ୍ରକାର ବିବେକୀ ସନ୍ଥ ସଂସାର ଭିତରେ ରହି ପରମ ପ୍ରଭୁଙ୍କର ପ୍ରେମ ଏବଂ ବିରହରେ ବ୍ୟାକୁଳ ହୋଇ ଜଗତ ପ୍ରତି ସର୍ବଦା ଉଦାସୀନ ରହନ୍ତି । କୌଣସି ସାଂସାରିକ ବସ୍ତୁ ପ୍ରତି ତାଙ୍କର ଆସକ୍ତି ଜାତ ହୋଇ ନ ଥାଏ । ସେ ନିଶିଦିନ ମହାପ୍ରଭୁଙ୍କ ପ୍ରୀତିରେ ସୁରତି ଲଗାଇ ରହିଥାନ୍ତି । ସଂସାର ପ୍ରତି ଉଦାସୀନ ନ ହେବା ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଭଜନ ହୋଇପାରିବ ନାହିଁ । ବୈରାଗ୍ୟବାନ୍ ବିବେକୀ ପୁରୁଷମାନଙ୍କ ନିକଟରେ ଏହି ଭାବ ସର୍ବଦା ଦେଖିବାକୁ ମିଳେ ଏବଂ ସଂସାରର ପ୍ରେମ ସୁଖ-ଦୁଃଖମୟ ପ୍ରତୀତ ହୋଇଥାନ୍ତି । ଏହା ହିଁ ପ୍ରଭୁ ପ୍ରେମ ଏବଂ ବିରହର ଲକ୍ଷଣ ଯାହା ସଚ୍ଚୋଟ ଭକ୍ତ ନିକଟରେ ପ୍ରତୀୟମାନ ହୋଇଥାଏ ।

# ନାଚୁରାଲ ଆଣ୍ଟିବାୟୋଟିକ୍

ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଗଲେ ବିଭିନ୍ନ ପ୍ରକାରର ରୋଗ ହେବାର ଆଶଙ୍କା ରହିଥାଏ । ସେଥିପାଇଁ ଅନେକେ ଏହି ଶକ୍ତିକୁ ବଢ଼ାଇବା ପାଇଁ ମାର୍କେଟ୍‌ରେ ମିଳୁଥିବା ବିଭିନ୍ନ ପ୍ରକାରର ନାମୀଦାମୀ ଔଷଧ କିଣି ସେବନ କରିଥାନ୍ତି । କେତେବେଳେ ଏହା କାମ ଦେଇଥାଏ ତ ଆଉ କେତେବେଳେ ମେଡିସିନ୍ ରିଆକ୍ସନ ହୋଇ ଶରୀରରେ ଆହୁରି କେତୋଟି ନୂଆ ରୋଗ ସୃଷ୍ଟି କରି ଦେଇଥାଏ । ସେଥିପାଇଁ ଆଜିକାଲି ଦେଖିବାକୁ ମିଳୁଛି, ଅନେକ ସ୍ୱାସ୍ଥ୍ୟ ବିଶେଷଜ୍ଞ କେମିତି ପ୍ରାକୃତିକ ଉପାୟରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇପାରିବ ସେ ନେଇ ବହୁ ପରାମର୍ଶମାନ ଦେଉଛନ୍ତି । ଆଉ ଏଥିପାଇଁ ଯେଉଁ ସବୁ ଜିନିଷ ଆବଶ୍ୟକ ତାହା ଅତି ସହଜରେ ଘରେ ହିଁ ମିଳିପାରୁଛି । ସେଥିପାଇଁ ସେଗୁଡ଼ିକୁ ନାଚୁରାଲ ଆଣ୍ଟିବାୟୋଟିକ୍ ବୋଲି ବି କୁହାଯାଉଛି । ଯେମିତିକି- ମହୁରେ ହିଲିଂ ପାୱାର୍ ପ୍ରଚୁର ଥିବାରୁ ଏହା ସଂକ୍ରମଣକୁ ରୋକିବା ସହ ଘା'କୁ ଶୀଘ୍ର ଶୁଖାଇବାରେ ବେଶ୍ ସହାୟକ ହୋଇଥାଏ । ତେଣୁ ପ୍ରତିଦିନ କିଛି କିଛି ମହୁ ଖାଇବା ଶରୀର ପକ୍ଷେ ଭଲ ।

ରସୁଣ: ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ପ୍ରଚୁର ରହିଛି । ପ୍ରତିଦିନ ମାତ୍ର ଦୁଇଟି ରସୁଣ କୋଳା ଖାଇଲେ ବି ଶରୀରକୁ ବହୁ ଉପକାର ମିଳିଥାଏ ।

ହଳଦୀ: ଏଥିରେ ଥିବା ଔଷଧୀୟ ଗୁଣ ଶରୀରର କ୍ଷତକୁ ଶୀଘ୍ର ଠିକ୍ କରିଥାଏ । ପ୍ରତିଦିନ ଉଷୁମ କ୍ଷୀରରେ ହଳଦୀ ମିଶାଇ ପିଇଲେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ।

## ଟିକିଏ ହସନ୍ତୁ

ଟିଚର: କହିଲୁ ସବୁଠୁ ଚତୁର ପ୍ରାଣୀ କିଏ ?
ଗୋଲୁ: ହରିଣ ।
ଟିଚର: କେମିତି ?
ଗୋଲୁ: ସତ୍ୟଯୁଗରେ ପ୍ରଭୁ ରାମଙ୍କୁ ଫସେଇଥିଲେ, କଳିଯୁଗରେ ସଲମାନଙ୍କୁ ।

× × × ×

ପୁଅ: ମୁଁ ତୁମକୁ ବାହା ହୋଇ ପାରିବିନି ।
ଘର ଲୋକ ମାନୁ ନାହାନ୍ତି ।
ଝିଅ: ତୁମ ଘରେ କିଏ କିଏ ଅଛନ୍ତି ?
ପୁଅ: ମୋ ସ୍ତ୍ରୀ ଆଉ ଦୁଇ ପିଲା ।

× × × ×



ପିଣ୍ଟୁ: କହିଲୁ ଜେଲ୍‌କୁ ହିନ୍ଦୀରେ ହୱାଲତ କାହିଁକି କୁହାଯାଏ ?
ଚିଣ୍ଟୁ: ଖୁବ୍ ସହଜ କାରଣ ସେଠି କେବଳ ହାୱା ଏବଂ ଲାତ୍ ଖାଇବାକୁ ପଡେ ।

× × ×

ଓକିଲ: ତୁମ ସ୍ୱାମୀଙ୍କ ମୃତ୍ୟୁ କେମିତି ହେଲା ?
ମହିଳା: ବିଷ ପିଇବାରୁ ।
ଓକିଲ: ତା' ହେଲେ ଶରୀର କେମିତି କ୍ଷତାକ୍ତ ହେଲା ?
ମହିଳା: ପିଇବାକୁ ମନା କରୁଥିଲେ ।

× × × ×

କୁନି ଝିଅ ମା'କୁ: ମା' ତମେ ଡ୍ରେସ୍ କାହିଁକି ଆଇରନ୍ କରୁଛ ?
ମା: ଡ୍ରେସ୍ ଲୋଚାମୋଚା ହୋଇଯାଇଛି ତ, ତାକୁ ସିଧା କରିବା ପାଇଁ ।
ଝିଅ: ଏଥିରେ ସବୁ ଲୋଚାମୋଚା ସିଧା ହୋଇଯିବ ?
ମା: ହଁ ।
ଏହା ଶୁଣି ଝିଅଟି ଆଇରନ୍ ଧରି ଦୌଡ଼ିଲା ।
ମା: କୁଆଡେ ଯାଉଛୁ ?
ଝିଅ: ଜେଜେ ମା' ମୁହଁର ଚମଡ଼ା ବି ତ ଲୋଚାମୋଚା ହୋଇଯାଉଛି । ତାକୁ ଯାଉଛି ସିଧା କରିବି ।

× × × ×

ପୁଅଘର: ଆମକୁ ଝିଅ ପସନ୍ଦ ହୋଇଛି ।
ବାହାଘର କେବେ କରିବା କୁହନ୍ତୁ ।
ଝିଅ ବାପା: ଏବେ ନୁହେଁ । ଏବେ ତ ଆମ ଝିଅ ପଢୁଛି ।
ସଙ୍ଗେ ସଙ୍ଗେ ପୁଅ: ମୁଁ କ'ଣ ଛୋଟ ପିଲା ଯେ, ତାଙ୍କର ବହି ଚିରି ଦେବି ।

× × × × × ×

ବ୍ୟକ୍ତି ଜଣେ ଯୁବତୀଙ୍କୁ : ଆପଣଙ୍କ ମୁହଁ ମୋ ସ୍ତ୍ରୀ ସହିତ ବହୁତ ମିଶୁଛି ।
ଯୁବତୀ: ବଦ୍‌ମାସ କୋଉଠିକାର... ବକ୍‌ବାସ୍.. ବନ୍ଦ କର...
ବ୍ୟକ୍ତି: କଥାବାର୍ତ୍ତା ବି ଏକାପରି ।

## ପିଜୁଳିର ଉପକାରିତା



ପିଜୁଳିକୁ ସୁପର ଫୁଡ୍ କ୍ୟାଟାଗୋରୀରେ ରଖାଯାଇଛି । ଏଥିରେ ରହିଛି ଭିଟାମିନ୍ ସି, ଲାକୋପିନ, ମାଙ୍ଗାନିଜ, ପଟାସିୟମ, ଭିଟାମିନ, ମିନେରାଲ୍ସ ଏବଂ ଫାଇବର ପ୍ରଭୃତି । କେବଳ ଏଥିପାଇଁ ଆୟୁର୍ବେଦରେ ଏହାର ନାଁ ରଖାଯାଇଛି ଅମୃତ ।

ଡାଇବେଟିସ ରୋଗୀଙ୍କ ପାଇଁ ପିଜୁଳି ବଡ଼ ଉପକାରୀ । ଏହା ସୁଗାର ଲେବଲକୁ କଣ୍ଟ୍ରୋଲ କରିଥାଏ ଏବଂ ଲୋ ଗ୍ଲିସମିକ ଇଣ୍ଡେକ୍ସ୍ନ ସୁଗାର ଲେବଲକୁ ଅଚାନକ ବଢ଼ିବାକୁ ଦିଏନି । ଡାଇବେଟିସ ରୋଗୀମାନଙ୍କୁ ରେଗୁଲାର ପିଜୁଳି ଖାଇବାକୁ ଉପଦେଶ ଦିଆଯାଇଥାଏ । ଖାଲି ସେତିକି ନୁହେଁ ପିଜୁଳି ପତ୍ରର ଚା' ପିଇବା ଦ୍ୱାରା ଡାଇବେଟିସର ଆଶଙ୍କାକୁ କମ୍ କରାଯାଇପାରେ । ପିଜୁଳିରେ ରହିଛି ପ୍ରଚୁର ମାତ୍ରାରେ ପ୍ରୋଟିନ, ଭିଟାମିନ୍ ଏବଂ ଖଣିଜ ପଦାର୍ଥ । ଏଥିରେ ରହିଥିବା ଫାଇବର କୋଲେଷ୍ଟ୍ରରଲ ଲେବଲକୁ କମ୍ କରିବାରେ ସହଯୋଗ କରିଥାଏ । ଖାଲି ସେତିକି ନୁହେଁ ଅଙ୍ଗୁର, ସନ୍ତରା ଏବଂ ସେଓ ତୁଳନାରେ ଏଥିରେ ସୁଗାରର ମାତ୍ରା ବହୁତ କମ୍ ରହିଥିବାରୁ ଏହାକୁ ନିର୍ଦ୍ୱନ୍ଦରେ ଖିଆଯାଇପାରେ । ଏଥିରେ ପ୍ରଚୁର ଭିଟାମିନ୍ ସି, ରହିଥିବାରୁ ଏହା ଶରୀରର ଇମ୍ୟୁନି ସିଷ୍ଟମକୁ ବଢ଼ାଇବାରେ ସହଯୋଗ କରିଥାଏ । ପିଜୁଳିରେ ଗୋଲମରିଚ ଏବଂ ବିଟ୍ ସଲ୍ଟ ଲଗାଇ ଖାଇଲେ କଫ ଦୂର ହୋଇଥାଏ । ଏହା ମଧ ମସ୍ତିଷ୍କର କାର୍ଯ୍ୟ ପ୍ରଣାଳୀକୁ ସୁଧାରିବାରେ ସହଯୋଗ କରିଥାଏ । ଏଥିରେ ଥିବା ଭିଟାମିନ୍ ବି-୩ ଏବଂ ବି-୬ ମସ୍ତିଷ୍କର ବ୍ଲଡ ସର୍କୁଲେସନକୁ ଠିକ୍ କରିଥାଏ ।

## ମେଦବହୁଳତା କମାଇବାର ଉପାୟ

ଆଜିକାଲି ମେଦବହୁଳତା ଏକ ସାଧାରଣ ସମସ୍ୟା କହିଲେ ଆଦୌ ଭୁଲ୍ ହେବ ନାହିଁ । ହେଲେ ଏପରି କେତେକ ଉପାୟ ରହିଛି, ଯାହାକୁ ଅନୁସରଣ କରି ଆପଣ ଏହାଠାରୁ ନିଜକୁ ଦୂରେଇ ରଖି ପାରିବେ । ପ୍ରଥମ କଥା ହେଲା, ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ । କେଉଁ ପ୍ରକାର ବ୍ୟାୟାମ କଲେ ଓଜନ କମିବ ସେ ନେଇ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦ୍ ଭାବରେ ଆଲୋଚନା କରନ୍ତୁ । ପ୍ରତିଦିନ ଏକ୍ସରସାଇଜ ବା ବ୍ୟାୟାମ କରିବା ଦ୍ୱାରା ମାଂସପେଶୀଜନିତ ସମସ୍ୟା ଦେଖାଦେଇ ନ ଥାଏ ଏବଂ ତା'ସହ ପେଟରୁ ଚର୍ବି କମିଥାଏ । ଦୁଗ୍ଧଜାତୀୟ ଖାଦ୍ୟ ଖାଇପାରନ୍ତି । କେତେକଙ୍କ ମନରେ ଭ୍ରାନ୍ତ ଧାରଣା ରହିଛି ଯେ, ଏପରି ଖାଦ୍ୟ ଚର୍ବି ବଢ଼ାଇଥାଏ । ହେଲେ ତାହା ଠିକ୍ ନୁହେଁ । ଓଜନ କମାଇବାକୁ ହେଲେ ପ୍ୟାକ୍ଡ ଫୁଡ୍ ଆଦୌ ଖାଆନ୍ତୁ ନାହିଁ । ସବୁଠାରୁ ଖାସ୍ କଥା ହେଲା, ପ୍ରତିଦିନ ସକାଳେ ବ୍ରେକ୍ଫାଷ୍ଟ କରିବାକୁ ଆଦୌ ଭୁଲନ୍ତୁ ନାହିଁ । ଏଥିରେ ତଟକା ଫଳମୂଳରୁ ପ୍ରସ୍ତୁତ ଜୁସ୍, ସାଲାଡ୍ ସାମିଲ କରନ୍ତୁ । କାରଣ ଏହା ଚର୍ବି କମାଇବାରେ ସହାୟକ ହୋଇଥାଏ ।

## ଅତ୍ୟଧିକ ପେନ୍‌କିଲର ହାନିକାରକ

ଆଜିକାଲି କେତେକ ରୋଗରୁ ଆରୋଗ୍ୟଲାଭ କରିବାକୁ ପେନ୍‌କିଲର ଖାଇବାକୁ ପଡୁଛି । ହେଲେ ଏପରି ଔଷଧ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ରୋଗ ବିଷୟରେ ପରାମର୍ଶ କରନ୍ତୁ । କେଉଁ ରୋଗ ପାଇଁ କି ପ୍ରକାର ଔଷଧ ଖାଇବାକୁ ପଡ଼ିବ ତାହା ସେ ନିର୍ଦ୍ଧାରଣ କରି ପ୍ରେସ୍କ୍ରିପ୍ସନରେ ଉଲ୍ଲେଖ କରିଥାଆନ୍ତି, ସେହି ଅନୁସାରେ ଆମକୁ ଔଷଧ ଖାଇବାକୁ ପଡ଼ିଥାଏ । ଯଦି



ଆପଣ ଆବଶ୍ୟକଠାରୁ ଅଧିକ ପେନ୍‌କିଲର ଖାଉଛନ୍ତି, ତେବେ ତାହା ହୃଦ୍‌ଜନିତ ସମସ୍ୟାର କାରଣ ସାଜିପାରେ ବୋଲି ବୋଷ୍ଟନ ୟୁନିଭର୍ସିଟିର ହୃଦଶଲ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି । ପ୍ରାୟ ଅଧିକାଂଶ ସମୟ ପେନ୍‌କିଲର ଖାଉଥିବା କେତେକ ବ୍ୟକ୍ତିଙ୍କର ହୃତ୍‌ପିଣ୍ଡ ପରୀକ୍ଷା କରି ସେମାନେ ଏ ବିଷୟରେ ଜାଣି ପାରିଥିଲେ । ତେଣୁ ଜଣେ ବ୍ୟକ୍ତି ଡାକ୍ତରଙ୍କ ପରାମର୍ଶ ବିନା ଏପରି ଔଷଧ ଖାଇବା ଠିକ୍ ନୁହେଁ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।

## ନିଦ୍ରାହୀନତା ଦୂର କରେ ନଡିଆ



ନଡ଼ିଆ ଏକ ପ୍ରକାର ମିଠା ଏବଂ ସ୍ୱାଦିଷ୍ଟ ଫଳ । ଏଥିରୁ ଅନେକ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ ହୋଇଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ । ଏହାର ସେବନ ଦ୍ୱାରା ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାରୁ ତୁରନ୍ତ ଉପଶମ ମିଳିଥାଏ । ନିୟମିତ ନଡିଆ ସେବନ ଦ୍ୱାରା ସ୍ମରଣ ଶକ୍ତି ତୀବ୍ର ହୋଇଥାଏ । ଯଦି ସ୍ମୃତି ଶକ୍ତି ହ୍ରାସ ପାଉଥିବାର ଅନୁମାନ କରୁଥାନ୍ତି, ତେବେ ନଡିଆରେ ବାଦାମ, ଅଖରୋଟ ଏବଂ ମିଶ୍ରି ମିଶାଇ ନିୟମିତ ସେବନ କଲେ ଲାଭ ମିଳିବ । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବର୍ତ୍ତମାନର ଜଞ୍ଜାଳପୂର୍ଣ୍ଣ ଜୀବନରେ କାର୍ଯ୍ୟବ୍ୟସ୍ତତା ଯୋଗୁଁ ନିଦ୍ରାହୀନତା ପ୍ରମୁଖ ସମସ୍ୟା ପାଲଟିଛି । ନିଦ୍ରାହୀନତା ଯୋଗୁଁ ଅନେକ ଶାରୀରିକ ସମସ୍ୟା ଉପନ୍ନ ହେଉଛି । ତେଣୁ ଏଥିରୁ ରକ୍ଷା ପାଇବାକୁ ଚାହୁଁଥିଲେ ପ୍ରତିଦିନ ଅଧ ଗ୍ଲାସ ନଡିଆ ପାଣି ସେବନ କରନ୍ତୁ । ଏହାଦ୍ୱାରା ନିଦ୍ରାହୀନତା ସମସ୍ୟାରୁ ମୁକ୍ତି ମିଳେ । ଏହାଛଡ଼ା ନିୟମିତ ରୂପରେ ଖାଲି ପେଟରେ ନଡିଆ ଖାଇଲେ ପେଟ ଯନ୍ତ୍ରଣାରୁ ମଧ ରକ୍ଷାମିଳେ ।

## ଆପଣ ଜାଣନ୍ତି କି ?

- ସାଧାରଣତଃ ଧଳା ଏବଂ ନୀଳ ରଙ୍ଗକୁ ସ୍କୁଲ ପୋଷାକ ଭାବରେ ଗ୍ରହଣ କରାଯାଇଥାଏ ।
- ଛିଙ୍କିବା ସମୟରେ ଆମ ହୃଦ୍‌ପିଣ୍ଡ ମି.ଲି ସେକେଣ୍ଡ ପର୍ଯ୍ୟନ୍ତ ସ୍ଥିର ହୋଇଯାଏ ।
- ଛିଙ୍କିବା ସମୟରେ କିଛି ମୁହୂର୍ତ୍ତ ପାଇଁ ପ୍ରାୟ ସମସ୍ତଙ୍କର ଆଖି ବନ୍ଦ ହୋଇଥାଏ ।
- ପ୍ରାୟ ଶାକାହାରୀ ମଣିଷ କାକୁଡି ଖାଇଥାନ୍ତି ।
- ପୃଥିବୀ ଜାନୁଆରୀ ମାସରେ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହୋଇଥାଏ ।
- ଜିଭ ବାହାର କରି ନାକରେ ନିଃଶ୍ୱାସ ନେବା ଅସମ୍ଭବ ।
- ମୁଣ୍ଡର କେଶକୁ ଗଣିବା ଅସମ୍ଭବ ।
- ଆମେରିକାରେ ପ୍ରତ୍ୟହ ୨୨୦୦ ଲୋକ ହୃଦ୍‌ରୋଗରେ ମରିଥାନ୍ତି ।
- ଗୋଟିଏ ସିଗାରେଟ୍ ୧୧ ମିନିଟ୍ ଭିତରେ ଜଣଙ୍କ ଜୀବନ ନେଇଥାଏ ।
- ସମୁଦ୍ରକୂଳ ଖରା ଖୁବ୍‌ଶୀଘ୍ର ଦେହରେ ସନ୍‌ବର୍ଣ୍ଣ ସୃଷ୍ଟି କରେ ।
- ଅଧିକ ମିଠା ଏବଂ ଚକୋଲେଟ୍ ଖାଉଥିବା ଲୋକ ବେଶୀ ଖୁସୀ ଥାଆନ୍ତି ।
- ବିଶ୍ୱର ସବୁଠୁ ପୁରୁଣା ଡ୍ରେସ୍ ଇଜିପ୍ଟରୁ ମିଳିଥିଲା ଏବଂ ଏହା ୫ ହଜାର ବର୍ଷର ପୁରୁଣା ବୋଲି ଜଣାପଡିଛି ।
- ଅନ୍ଧାର ଘରେ ଗୋଲ୍ଡଫିସ୍ ରଖିଲେ, ସେ ତା'ର ରଙ୍ଗ ହରାଇ ଥାଏ ।
- ଗ୍ରୀନ୍‌ଲ୍ୟାଣ୍ଡରେ ଥିବା ସାର୍କ ଧଳା ଭାଲୁ ଖାଇଥାନ୍ତି ଏବଂ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ।
- ଟଏଲେଟ୍ ଅପେକ୍ଷା କମ୍ପ୍ୟୁଟର କି- ବୋର୍ଡରେ ୨୦୦ ଅଧିକ ବ୍ୟାକ୍ଟେରିଆ ରହିଥାଏ ।

## କହିପାରିବେ କି ?

(୧) ଭାରତର କେଉଁ ରାଜ୍ୟରେ ସର୍ବାଧିକ ଆଲୁମିନିୟମ ମିଳିଥାଏ ?

(୨) 'ଶିବାନା ସମୁଦ୍ର' ଜଳପ୍ରପାତ କେଉଁ ରାଜ୍ୟରେ ଅବସ୍ଥିତ ?

(୩) ଭାରତର କେଉଁ ରାଜ୍ୟକୁ 'ସୁର୍ଯ୍ୟୋଦୟର ଭୂମି' ବୋଲି କୁହାଯାଏ ?

(୪) ଦେଶର କେଉଁ ରାଜ୍ୟରେ ସର୍ବାଧିକ ଜଙ୍ଗଲ ରହିଛି ?

(୫) ଜଙ୍କ କ'ଣ ?

(୬) ହାର୍ଡ ୱାଟର ବା ଭାରୀଜଳରେ କ'ଣ ଥାଏ ?

(୭) ଏକ ଆଟମ୍ ବା ଅଣୁରେ ଇଲେକ୍ଟ୍ରନର ସ୍ଥିତି ଏବଂ ଶକ୍ତି କେଉଁଥିରେ ପ୍ରକାଶ କରାଯାଏ ?

(୮) ପଢ଼ି ହେଉ ନଥିବା ପୁରୁଣା ଲେଖାଗୁଡିକ କାହା ସାହାଯ୍ୟରେ ପଢ଼ାଯାଇ ପାରେ ?

(୯) ଏକ ଆଟମିକ୍ ନ୍ୟୁକ୍ଲିୟସରେ ନ୍ୟୁଟ୍ରନ ଏବଂ ପ୍ରୋଟନ କେଉଁ ବଳ ସହାୟତାରେ ଏକାଠି ରହିଥାନ୍ତି ?

(୧୦) ଫଳ ଉତ୍ପାଦନ କ୍ଷେତ୍ରରେ ବିଶ୍ୱ ତାଲିକାରେ ଭାରତର ସ୍ଥାନ କେତେ ?

### JUMBLE WORDS

| | | | |
|---|---|---|---|
| 1) TOXCEI | = | 6) RTFEHA | = |
| 2) ZLARIE | = | 7) LPXEE | = |
| 3) NIHEW | = | 8) RYNVE | = |
| 4) IMLTI | = | 9) DIAHOR | = |
| 5) GASUYR | = | 10) DUNOFE | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ସୂର୍ଯ୍ୟ, ୨.ଶୀତଳ, ୩.ବୁଢ଼ିଆଣୀ, ୪.ପିଏଚ-୭, ୫.ଏହା ଏକ ଲାଲ ରଙ୍ଗର ତରଳ ପଦାର୍ଥ, ୬.ଲିଡ୍, ୭.୪ଡିଗ୍ରୀ ସେଲସିୟସ, ୮.ଗାଢ଼ ସବୁଜ, ୯.ଜିଓଲାଇଟସ୍, ୧୦. ଆସାମ ।

***Jumble Words*** ର ଉତ୍ତର **:-**

(1) FIGHT (2) FINCH (3) LELERY (4) ABSORB (5) WHISK


(6) SIXTY (7) INHALE (8) SUMMER (9) TAKEN (10) SUNNY

# ଗୌତମ ମିଶ୍ରଙ୍କ 'ଦ ଡିଭାଇନ୍ ଡକ୍ଟର'କୁ ପ୍ରଫେସର ଏଡିଲଷ୍ଟନଙ୍କ ପ୍ରଶଂସା

ସମ୍ବଲପୁର : ଇତି ମଧ୍ୟରେ ଅନେକ ରାଜ୍ୟସ୍ତରୀୟ, ଜାତୀୟ ଏବଂ ଆନ୍ତର୍ଜାତିକ ସ୍ତରରେ ପ୍ରଦର୍ଶିତ ହେବା ସହ ଉଚ୍ଚ ପ୍ରଶଂସିତ ହୋଇଥିବା କୀଟନାଶକ ଜନିତ ଆତ୍ମହତ୍ୟା ସମସ୍ୟା ଉପରେ ଆଧାରିତ ଯୁବ ପ୍ରେସ୍ ଫଟୋଗ୍ରାଫର ଗୌତମ ମିଶ୍ରଙ୍କ ଫିଲ୍ମ 'ଦ ଡିଭାଇନ୍ ଡକ୍ଟର'କୁ ୟୁନିଭର୍ସିଟି ଅଫ୍ ଏଡିନବର୍ଗର କ୍ଲିନିକାଲ୍ ଟକ୍ସିକୋଲୋଜି ବିଭାଗର ପ୍ରଫେସର ମାଇକେଲ୍ ଏଡିଲଷ୍ଟନ୍ ଉଚ୍ଚ ପ୍ରଶଂସା କରିଛନ୍ତି ।

ପ୍ରଫେସର ଏଡିଲଷ୍ଟନ କହିଛନ୍ତି ଯେ ସେ ଦୀର୍ଘ ୨୫ ବର୍ଷ ଧରି ଦକ୍ଷିଣ ଏସିଆରେ କୀଟନାଶକ ବିଷକ୍ରିୟା ପ୍ରସଙ୍ଗରେ ଅଧ୍ୟୟନ କରିଛନ୍ତି । ନିକଟରେ ସେ 'ଦ ଡିଭାଇନ୍ ଡକ୍ଟର' ଫିଲ୍ମଟି ଦେଖିବା ପରେ ଏହାର ଗୁରୁତ୍ୱ ଉପଲବ୍ଧି କରିପାରିଛନ୍ତି । ପାରାକ୍ୱେଟ୍ ଭଳି କୀଟନାଶକ ୧୯୭୦ ମସିହାରୁ ସମଗ୍ର ବିଶ୍ୱରେ ଜୀବନନାଶକ ଭାବେ ସମସ୍ୟା ସୃଷ୍ଟି କରିଛି । କେବଳ ଚୀନ୍‌ରେ ଏହା ସହସ୍ରାଧିକ ଚାଷୀଙ୍କ ପ୍ରାଣହାନୀର କାରଣ ସାଜିଛି । ଏହି କୀଟନାଶକ ଏଭଳି ଭୟଙ୍କର ଯେ ଏହାକୁ କ୍ଷୁଦ୍ର ଉଦ୍ୟୋଗ ତଥା ଛୋଟଛୋଟ ଚାଷୀଙ୍କ ପକ୍ଷରେ ବ୍ୟବହାର ସୁରକ୍ଷିତ ନୁହେଁ । ଏହାକୁ ଦୃଷ୍ଟିରେ ରଖି ବିଶ୍ୱର ୬୭ ଦେଶରେ ଏହାକୁ ନିଷିଦ୍ଧ କରାଯାଇଛି । ଗୌତମ ମିଶ୍ରଙ୍କ ଫିଲ୍ମଟି ପୂର୍ବ ଭାରତର ଓଡିଶା ରାଜ୍ୟର ସମସ୍ୟା ଉପରେ ଆଧାରିତ । ଗତ ୫ ବର୍ଷ ମଧ୍ୟରେ ପାରାକ୍ୱେଟ୍ ଜନିତ ମୃତ୍ୟୁ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ଘଟିଛି । ଯାହାକୁ ନେଇ ଏଥିରେ ଡାକ୍ତରଙ୍କ ଉଦ୍‌ବେଗ ବିଷୟ ଉପସ୍ଥାପିତ ହୋଇଛି । ଚାଷୀ ଆତ୍ମହତ୍ୟା ଭଳି ଉଦବେଗଜନକ ପ୍ରସଙ୍ଗକୁ ଲୋକଲୋଚନକୁ ଆଣିବାରେ ଶ୍ରୀ ମିଶ୍ରଙ୍କ 'ଦ ଡିଭାଇନ ଡକ୍ଟର' ପ୍ରଶଂସନୀୟ ଉଦ୍ୟମ ବୋଲି ଏଡିଲଷ୍ଟନ୍ ପ୍ରକାଶ କରିଛନ୍ତି ।





ପ୍ରଫେସର ମାଇକେଲ୍ ଏଡିଲଷ୍ଟନ


ଗୌତମ ମିଶ୍ର

## ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ଗସ୍ତ

ସମ୍ବଲପୁର : ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଡକ୍ଟର ସୁରେଶ ଚନ୍ଦ୍ର ଦଲେଇ ଯୁଯୁମୁରା ବ୍ଲକ ବୀରସିଂଗଡ଼ ରାଜସ୍ୱ ସର୍କଲ କାର୍ଯ୍ୟାଳୟକୁ ଅଚାନକ ପରିଦର୍ଶନରେ ଯାଇଥିଲେ । ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ଉପସ୍ଥିତି ଓ ତାଙ୍କ କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ମହୁଲପାଲି ସ୍ଥିତ କସ୍ତୁରବା ଗାନ୍ଧୀ ମାତୃ ନିକେତନ ଉଚ୍ଚ ବିଦ୍ୟାଳୟକୁ ଯାଇ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ତାଙ୍କ ଇଚ୍ଛାଶକ୍ତି ଉପରେ ସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ଡକ୍ଟର ଦଲେଇ ଚାରମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଡାକ୍ତର ଓ କର୍ମଚାରୀମାନଙ୍କ ସହିତ ଆଲୋଚନା କରିଥିଲେ ।

## ଉଲୁଣ୍ଡା ଥାନାରେ ରକ୍ତଦାନ ଶିବିର

ସୋନପୁର : ଉଲୁଣ୍ଡା ଥାନା ଅନ୍ତର୍ଗତ ପଞ୍ଚାୟତ କଲେଜ ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରକୁ ସୁବର୍ଣ୍ଣପୁର ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଉଦଘାଟନ କରିଥିବଲେ । ଏସ୍‌ଡିପିଓ ଡୋଳାମଣି ଭୋଇ, ଆରଟିଓ ରବିନ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଉଦଯାପନୀ ଉତ୍ସବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରକ୍ତଦାତା, ସ୍ୱେଚ୍ଛାସେବୀ ସଂଗଠନ ତଥା ଉଲୁଣ୍ଡା ଟାଉନଥାନା ପୋଲିସକୁ ରକ୍ତଦାନ କ୍ଷେତ୍ରରେ ଉତ୍କୃଷ୍ଟ ସଫଳତା ହେତୁ ଭୂୟସୀ ପ୍ରଶଂସା କରି ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ବର୍ଦ୍ଧିତ କରିଥିଲେ ।

## ଜିଏମ୍‌ୟୁରେ ଜନଜାତି ପ୍ରସଙ୍ଗରେ ଆଲୋଚନାଚକ୍ର

ସମ୍ବଲପୁର : ଆଜାଦୀକା ଅମୃତ ମହୋତ୍ସବ ଉପଲକ୍ଷେ ନେସନାଲ କମିଶନ ଫର ସିଡ୍ୟୁଲଟ୍ରାଇବ (ଏନ୍.ସି.ଏସ୍.ଟି) ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ମିଳିତ ଆନୁକୁଲ୍ୟରେ କୁଳପତି ଏନ.ନାଗାରାଜୁଙ୍କ ସଭାପତିତ୍ୱରେ 'କଂଟ୍ରିବ୍ୟୁସନ ଅଫ୍ ଟ୍ରାଇବାଲ କମ୍ୟୁନିଟି ଏଣ୍ଡ ଟ୍ରାଇବାଲ ଲିଡର୍ସ ଟୁ ଇଣ୍ଡିଆନ ଫ୍ରିଡମ ଷ୍ଟ୍ରଗଲ' ଶୀର୍ଷକ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ ଉଦଘାଟନ କରି ଆଦିବାସୀ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ । ଏନ୍.ସି.ଏସ୍.ଟି ଓଡିଶା ରିଜିୟୋନାଲ ଏସିଷ୍ଟାଣ୍ଟ ଡାଇରେକ୍ଟର ଅଶୋକ ବର୍ଦ୍ଧନ, ଗୀତାଞ୍ଜଳି ଭୋଇ, ଆଦିବାସୀ ଗବେଷକ ଦିଲମନ୍ ମିଞ୍ଜ, ବିଶ୍ୱବିଦ୍ୟାଳୟର କୁଳସଚିବ ଯୁଗଲେଶ୍ୱରୀ ଦାଶ, ଡ.ପରମତପ ପ୍ରଧାନ, ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଅଧ୍ୟାପିକା ସିନିଆ ଟିଆଗୋ ସଭା ସଂଚ୍ଚାଳନ କରିଥିବା ବେଳେ ଅଧ୍ୟାପିକା ମଣି କୁଜୁର ଧନ୍ୟବାଦ ଦେଇଥିଲେ ।

## ଓଡିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସମୀକ୍ଷା ବୈଠକ

ସମ୍ବଲପୁର : ଓଡିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ପ୍ରମୋଦ କୁମାର ମେରକେପ ଆଜି ସମ୍ବଲପୁର ଗସ୍ତ କରି ବିଭିନ୍ନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ସମୀକ୍ଷା ବୈଠକରେ ଓଡିଶା ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ଡି.ଏନ ପାଢ଼ୀ, ସେକ୍ରେଟାରୀ ଶିବାନୀ ମହାନ୍ତି, ପ୍ରଶାସନିକ ଅଧିକାରୀ ଏସ.କେ ଷଡ଼ଙ୍ଗୀ, ପରାମର୍ଶଦାତା ତମଲ ରେଜା, ସମ୍ବଲପୁର ଜିଲ୍ଲାପାଳ ଅନନ୍ୟା ଦାସ, ଅତିରିକ୍ତ ଜିଲ୍ଲାପାଳ ଅଜାୟର ମହାନ୍ତି, ସିଡିଓ-ଇଓ ଜିଲ୍ଲା ପରିଷଦ ଦିଲ୍ଲୀପ କୁମାର ବଳ, ମୁଖ୍ୟ ଚିକିତ୍ସା ଅଧିକାରୀ ଅଶୋକ ଦାସ, ଡିଇଓ ମୀନା ରାଣୀ ମଙ୍ଗଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସନ୍ତୋଷ କୁମାର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର, ଭାଗିରଥି ପଟେଲ, ପୁଷ୍ପଶ୍ରୀ ନାୟକ, ଆର୍ତ୍ତତ୍ରାଣ ଶତପଥୀ, ରାମ ଦାସ ଟୁଡୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପିଲାଙ୍କ ସହ ସ୍କୁଲରେ ଖାଦ୍ୟ ଖାଇଲେ ଉପଜିଲ୍ଲାପାଳ

ଝାରସୁଗୁଡ଼ା : ଉପଜିଲ୍ଲାପାଳ ଦୟାମୟ ପାଢ଼ୀ ଅଚାନକ କିର୍ମିରା ବ୍ଲକ ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଉପଜିଲ୍ଲାପାଳ ତାଙ୍କ ପରିଦର୍ଶନ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀମାନଙ୍କ ଉପସ୍ଥାନ ଯାଞ୍ଚ କରିବା ସହ ଶିକ୍ଷାଦାନର ମାନ, ଅନ୍ତେବାସୀ ଛାତ୍ରଛାତ୍ରୀମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନର ମାନ ସମ୍ପର୍କରେ ପଚାରି ବୁଝିଥିଲେ ଓ ନିଜେ ମଧ୍ୟାହ୍ନ ଭୋଜନ କରିଥିଲେ । ବିଦ୍ୟାଳୟର ଶ୍ରେଣୀଗୃହ ଏବଂ ପରିସର ବୁଲି ଦେଖିବା ସହ ପରିଷ୍କାର ପରିଚ୍ଛନ୍ନତାରେ ସନ୍ତୋଷ ପ୍ରକାଶ କରିଥିଲେ ।

## 'ଜ୍ୟୋତି' ତରଫରୁ 'ଚକ୍ଷୁଦାନ ପକ୍ଷ' ପାଳନ

ସମ୍ବଲପୁର : ଚକ୍ଷୁଦାନ ଓ ଭିନ୍ନକ୍ଷମ କଲ୍ୟାଣ ସଂସ୍ଥା 'ଜ୍ୟୋତି' ଏବଂ ଜିଲ୍ଲା ରେଡ଼କ୍ରସର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜରେ ଚକ୍ଷୁଦାନ ପକ୍ଷ ପାଳନ ଅବସରରେ ଏକ ଚକ୍ଷୁ ପରୀକ୍ଷା ଶିବିର ଏବଂ ସଚେତନତା ସଭା ପରେଶ ଚନ୍ଦ୍ର ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସଭାରେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସୁରେଶ ଚନ୍ଦ୍ର ଦାନୀ ଚକ୍ଷୁର ଯତ୍ନ ଓ ସୁରକ୍ଷା ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ଜ୍ୟୋତିର ସଂଯୋଜକ କଳ୍ପନା ମିଶ୍ର ଅନୁଷ୍ଠାନର କାର୍ଯ୍ୟାବଳୀ ଉପରେ ବର୍ଣ୍ଣନା କରିଥିଲେ । ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜର ଅଧ୍ୟକ୍ଷ ଶ୍ରୀ ଦୁର୍ଲଭ କୁମାର ସା କାର୍ଯ୍ୟକ୍ରମର ବକ୍ତବ୍ୟ ରଖିଥିଲେ । ଶ୍ରୀ ଅଶୋକ କୁମାର ମିଶ୍ର, ପ୍ରଶାନ୍ତ ପାଟଯୋଶୀ, ଶିବ ନାରାୟଣ ପାଣିଗ୍ରାହୀ ଏବଂ




ବିବରଣୀ ଉପସ୍ଥାପନା କରିଥିଲେ । ଅଧ୍ୟାପକ ଡକ୍ଟର ବିଶ୍ୱ ମୋହନ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ ଚକ୍ଷୁଦାନ ପକ୍ଷ ଉପରେ କଲେଜର ଅଧ୍ୟାପକ ଅଧ୍ୟାପିକାମାନେ ଶିବିର ପରିଚାଳନା କରିଥିଲେ । ଶେଷରେ କଲେଜର ରେଡ଼କ୍ରସ ଦାୟିତ୍ୱରେ ଥିବା ଅଧ୍ୟାପକ ଶ୍ରୀ ସୁରେଶ ଏକ୍କା ଧନ୍ୟବାଦ୍ ଅର୍ପଣ କରିଥିଲେ ।

### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |
| Colour Advertisement | - | 100% Extra |

# ପଶ୍ଚିମ ଓଡ଼ିଶାର ଗାନ୍ଧୀ 'ନୃସିଂହ ଗୁରୁ'ଙ୍କ ଜନ୍ମ ସ୍ଥାନରେ 'ଅହିଂସା ରଥ'କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା

























ସମ୍ବଲପୁର : ସତ୍ୟ ଓ ଅହିଂସା ଉପରେ ମହାତ୍ମା ଗାନ୍ଧୀ ଦେଖାଇ ଯାଇଥିବା ଆଦର୍ଶର ବର୍ତ୍ତମାନ ମଧ ପ୍ରାସଙ୍ଗିକତା ରହିଛି ଓ ତାହା ଯୁବସମାଜ ଅନୁକରଣ କରିବା ଆବଶ୍ୟକତା ରହିଛି ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତପ୍ରକାଶ କରିଛନ୍ତି ।

'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଜନ୍ମପୀଠ ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ପରିକ୍ରମା କରୁଥିବା 'ଅହିଂସା ରଥ'କୁ ସମ୍ବର୍ଦ୍ଧନା ଦେବା ଅବସରରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ କହିଥିଲେ ଯେ, ବର୍ତ୍ତମାନ କଳିଯୁଗରେ ସତ୍ୟ ଓ ଅହିଂସା ନୀତି ଅବଲମ୍ବନ କରିବା ନିତାନ୍ତ ଜରୁରୀ ହୋଇ ପଡିଛି । ଗୁରୁପାଲି ଭଳିଆ ଏକ ନିପଟ ମଫସଲ ଗ୍ରାମରେ ଜନ୍ମଗ୍ରହଣ କରିଥିବା ନୃସିଂହ ଗୁରୁ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରାବସ୍ଥାରୁ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ଦେଶ ମାତୃକାର ସେବାରେ ସମଗ୍ର ଜୀବନକୁ ଉତ୍ସର୍ଗୀକୃତ କରିବା ଏକ ବିରଳ ଘଟଣା ବୋଲି ସେ କହିଥିଲେ ।

ଶ୍ରୀ ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ବିଶିଷ୍ଟ ଶିକ୍ଷାବିତ ଅରବିନ୍ଦ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ନୃସିଂହ ଗୁରୁଙ୍କ ତ୍ୟାଗପୂତ ଜୀବନର ସ୍ମୃତିଚାରଣ କରିବା ସହ ଯୁବ ସମାଜକୁ ତାଙ୍କ



ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପରାମର୍ଶ ଦେଇଥିଲେ । ଧନକଉଡାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଞ୍ଜୀବ କୁମାର ପଟେଲ ଓ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଦେବୀ ପ୍ରସାଦ ମିଶ୍ର ମଧ ସଭାରେ ଉଦ୍‌ବୋଧନ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଧନକଉଡା ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ବେହେରା, ଉପାଧ୍ୟକ୍ଷା ରଞ୍ଜୁଲତା ଭୋଇ, ଜିଲ୍ଲା ପରିଷଦ ସଦସ୍ୟ ସୁନୀଲ କୁମାର ମିଶ୍ର, ଶାସନ ସରପଞ୍ଚ ଶେଷଦେବ ଗର୍ଡିଆ, ଶାସନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦୟାନିଧି ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସ୍ୱର୍ଗତ ଗୁରୁଙ୍କ ଦାୟାଦ ବାମନ ଚରଣ ଗୁରୁଙ୍କୁ କନଖଣ୍ଡା ସରପଞ୍ଚ କନକ ସାହୁ, କାଳୀଚରଣ ଗୁରୁଙ୍କୁ ବିଶାଳଖଣ୍ଡା ସରପଞ୍ଚ ସରିତା ନାଥ ଓ ଗୌରହରି ଗୁରୁଙ୍କୁ ସମିତି ସଭ୍ୟା ସବିତା ପ୍ରଧାନ ପ୍ରଶାସନ ପକ୍ଷରୁ ସମ୍ମାନିତ କରିଥିଲେ । ସଭା ଶେଷରେ ଗ୍ରାମର ଶ୍ରୀ ଲକ୍ଷ୍ମଣ ବାଗ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ସମିତି ସଦସ୍ୟା ଅମରଲତା ବେହେରାଙ୍କ ସମେତ ଆଖପାଖ ଗ୍ରାମର ଗ୍ରାମବାସୀ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗ ଦେଇଥିଲେ ।

ଅହିଂସା ରଥ ଶାସନ ଠାରେ ପହଞ୍ଚିବା ପରେ ସେଭେନ ହିଲ୍ସ ରେସିଡେନ୍ସିଆଲ୍ ସ୍କୁଲ, ଗୁରୁ ନାନକ ପବ୍ଲିକ ସ୍କୁଲ, ନିଉଟନ୍ କଲେଜ ଏବଂ ଶାସନ ହାଇସ୍କୁଲର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଏନ୍‌ସିସି କ୍ୟାଡେଟ୍, କମ୍ୟୁନିଟି ପୋଲିସ, ନୃସିଂହ ଗୁରୁ ସ୍ମୃତି ସମିତି ଓ ନୀଳଚକ୍ର ସମେତ ବହୁ ଅନୁଷ୍ଠାନର କର୍ମକର୍ତ୍ତା ମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ପରେ କମ୍ୟୁନିଟି ପୋଲିସର ମୁଖ୍ୟ ବଂଶୀଧର କର, ସମାଜସେବୀ କାର୍ତ୍ତିକ ପ୍ରସାଦ ବହିଦାର ଓ ରାଜେନ୍ଦ୍ର ଶତନାମୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ମାନେ ହାତରେ ଜାତୀୟ ପତାକା ଓ ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଅହିଂସା ରଥକୁ ଏକ ଶୋଭାଯାତ୍ରାରେ ଗୁରୁପାଲି ଗ୍ରାମକୁ ପାଛୋଟି ନେଇଥିଲେ । ରାସ୍ତାରେ କଣ୍ଟାପାଲି ଗ୍ରାମବାସୀ ମାନେ ମଧ ରଥକୁ ସ୍ୱାଗତ ଜଣାଇଥିଲେ ।

# ଭିଏସ୍ଏସ୍ ଇନଡୋର ଷ୍ଟାଡିୟମରେ ଜିଲ୍ଲା ବ୍ୟାଡ୍‌ମିଣ୍ଟନ ଚ୍ୟାମ୍ପିଅନସିପ୍

ସମ୍ବଲପୁର: ସ୍ଥାନୀୟ ଭିଏସ୍ଏସ୍ ଇଣ୍ଡୋର୍ ଷ୍ଟାଡିୟମ୍ ଠାରେ ବ୍ୟାଡ଼ମିଣ୍ଟନ ଆସୋସିଏସନ ସମ୍ବଲପୁର ଓ ବ୍ୟାଡ଼ମିଣ୍ଟନ ଅର୍ଗାନାଇଜେସନ୍ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲା ବ୍ୟାଡ଼ମିଣ୍ଟନ ଚ୍ୟାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି । ୧୭ ବର୍ଷରୁ କମ ବାଳକ ବିଭାଗରେ ସାତ୍ୱିକ କୁମାର କେଜ୍ରିୱାଲ ଚମ୍ପିଆନ, ଜୟ ପରମାର ରନର୍ସ ଅପ ଓ ବାଳିକା ବିଭାଗରେ ଈଶାନୀ ସାହୁ ଚମ୍ପିଆନ ଓ ଆଶ୍ୱିକା ମିଶ୍ର ରନର୍ସ ଅପ ହୋଇଥିଲେ । ସେହିପରି ମେନ୍ସ ଡବଲ୍ସରେ ଲକ୍ଷ୍ମଣ ପ୍ରେମକୃଷ୍ଣ ଓ ଋତିକ ଅରୋରା, ମେନ୍ସ ସିଙ୍ଗଲ୍ସରେ ଋତିକ ଅରୋରା ଓ ରାହୁଲ ପାଣ୍ଡ୍ୱାନ ଚମ୍ପିୟାନ ଓ ରନର୍ସ ଅପ ହୋଇଥିଲେ । ମହିଳା ଡବଲ୍ସରେ ଅମିତା ଘୋଷ ଓ ଈଶାନୀ ସାହୁ ଚମ୍ପିୟାନ ଏବଂ ଦୀକ୍ଷା ଏକ୍କା ଓ ଲିଜୁନ ସ୍ୱାଇଁ ରନର୍ସଅପ ହୋଇଥିଲେ । ଅଣ୍ଡର ୧୯ ବାଳକ ଡବଲ୍ସରେ ଅମନ ଝା ଓ ଲକ୍ଷ୍ମଣ ପ୍ରେମକୃଷ୍ଣ ଚମ୍ପିୟାନ ଏବଂ ଜିତ ପଣ୍ଡା ଓ ଯଶ ମହାପାତ୍ର ରନର୍ସ ହୋଇଥିବା ବେଳେ ଅଣ୍ଡର ୧୭ ବାଳକ ଡବଲ୍ସରେ ଜିତ ପଣ୍ଡା ଓ ସାତ୍ୱିକ କୁମାର କେଜ୍ରିୱାଲ ଚମ୍ପିୟାନ ଏବଂ ଜୟକୃଷ୍ଣ ଗର୍ଡିଆ ଓ ଜିତେନ ମହାନନ୍ଦିଆ ରନର୍ସଅପ ହୋଇଛନ୍ତି । ଅଣ୍ଡର ୧୯ ବାଳକ ସିଙ୍ଗଲରେ ଲକ୍ଷ୍ମଣ ପ୍ରେମକୃଷ୍ଣ ଚ୍ୟାମ୍ପିୟାନ ଓ ଜୟ ପରମାର ରନର୍ସ ଅପ ହୋଇଥିଲେ । ସମସ୍ତ ମ୍ୟାଚ୍‌ରେ ଲକ୍ଷପତି ନନ୍ଦ ରେଫରୀ ରହିଥିବାବେଳେ ଜୟନ୍ତ ମିଶ୍ର, ଟିକେଶ୍ୱର ସାହୁ, ବାବଲୁ ସାହୁ ଓ ପଦ୍ମପାଦ ପାଣିଗ୍ରାହୀ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । ବ୍ୟାଡ଼ମିଣ୍ଟନ ଆସୋସିଏସନ ସମ୍ବଲପୁରର ସଭାପତି ଡାକ୍ତର ହୃଦାନନ୍ଦ ନାଏକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ନିଲିନ କୁମାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟାନ୍ୟ ମାନଙ୍କ ମଧରେ ଆସୋସିଏସନର ଉପସଭାପତି ପ୍ରବୀଣ ବେହେରା, ଯୁଗ୍ମ ସମ୍ପାଦକ ଅମିତ ସିଂ, ବିଓଏସ୍‌ର ସଭାପତି ଜ୍ୟୋତି ସ୍ୱରୂପ ସେଠ, ସମ୍ପାଦକ ରାମଶଙ୍କର ମିଶ୍ର, ଝାରସୁଗୁଡା ବ୍ୟାଡ଼ମିଣ୍ଟନ ଆସୋସିଏସନର ସମ୍ପାଦକ ଶୁଭମ ଶର୍ମା ଓ ଦିନେଶ ପୋଦ୍ଦାର ପ୍ରମୁଖ ଉପସ୍ଥିତ ଥିଲେ ।




Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra